Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 326
Wednesday, 4 February 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୪ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି

ବାଲେଶ୍ୱର, ୩/୨ (ଆ.ପ୍ର) : ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାଲେଶ୍ୱରଠାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗ ଦେଇଛନ୍ତି । ସେ କାର୍ଯ୍ୟକ୍ରମରେ ଭବଦେବଙ୍କ ଦେବୀ ସହିତ ଏହାର ନୂତନ ଅଡିଟୋରିୟମ୍ ଉଦଘାଟନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସ୍ମୃତିଚାରଣ କରି କହିଥିଲେ, ଛାତ୍ରାବସ୍ଥାରେ ସେ ବ୍ୟାସ କବିଙ୍କର କାଳଜୟୀ କାହାଣୀ 'ରେବତୀ' ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ସେହି ପ୍ରଭାବ ଏବେ ସୁଦ୍ଧା ମଳିନ ପଡ଼ିନାହିଁ । ଊନବିଂଶ ଶତାବ୍ଦୀରେ ଜଣେ ଝିଅର ଶିକ୍ଷା ଗ୍ରହଣ କରିବାର ଦୃଢ଼ସଂକଳ୍ପ ନେଇ ଲୁଚେନ୍‌ଶୁଣ ଯାଇଥିଲେ । ସେଠାରେ ସେ ତାଙ୍କର ହାଇସ୍କୁଲ ଏବଂ କଲେଜ ଶିକ୍ଷା ଶେଷ କରିଥିଲେ । ଏପରି ଭାବେ ଫକୀର ମୋହନ ତାଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଥିବା ଶ୍ରୀମତୀ ମୁର୍ମୁ କହିଥିଲେ । ରାଷ୍ଟ୍ରପତି କହିଥିଲେ, ଫକୀରମୋହନଙ୍କର ନିଜ ମାତୃଭାଷା ପ୍ରତି ଗଭୀର ପ୍ରେମ ଥିଲା । ସେ ଲେଖିଯାଇଛନ୍ତି, ''ମୋ ପାଇଁ ମୋ ମାତୃଭାଷା ସବୁଠୁ ବଡ଼ ।'' ମାତୃଭାଷାରେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ପାଠପଢ଼ା ସହିତ ନିଜ ପରିବେଶ, ରୀତିନୀତି ଏବଂ ସାଂସ୍କୃତିକ ପରିବେଶକୁ ଭଲ ଭାବେ ବୁଝିବାରେ ସକ୍ଷମ ହୋଇଥାଆନ୍ତି । ସେମାନେ ନିଜ ସଭ୍ୟତାର ମୂଲ୍ୟବୋଧ ଏବଂ ଜୀବନଶୈଳୀ ସହିତ ଘନିଷ୍ଠ ଭାବରେ ପରିଚିତ ହୁଅନ୍ତି ବୋଲି ରାଷ୍ଟ୍ରପତି

କହିଥିଲେ । ଜାତୀୟ ଶିକ୍ଷା ନୀତି ୨୦୨୦ ମାତୃଭାଷା ଉପରେ ଗୁରୁତ୍ୱାରୋପ କରେ ଏବଂ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଂସ୍କୃତି ସହ ଯୋଡ଼ି ହୋଇ ରହିବାକୁ ମାର୍ଗଦର୍ଶନ କରେ ବୋଲି ସେ ଜୋର ଦେଇ କହିଥିଲେ । ରାଷ୍ଟ୍ରପତି କହିଥିଲେ, ଭାରତରେ ଜ୍ଞାନର ଏକ ସମୃଦ୍ଧ ପରମ୍ପରା ରହିଛି । ଆମର ଶାସ୍ତ୍ର ଏବଂ ପାଣ୍ଡୁଲିପି ଜ୍ଞାନ ଏବଂ ବୁଦ୍ଧିମତ୍ତାରେ ପରିପୂର୍ଣ୍ଣ । ଜଟିଳ ଏବଂ ସାହିତ୍ୟ ବ୍ୟତୀତ, ଏହା ବିଜ୍ଞାନ, ଚିକିତ୍ସା, ଜ୍ୟୋତିର୍ବିଜ୍ଞାନ ଏବଂ ଗ୍ରହପଥ ଭଳି କ୍ଷେତ୍ରରେ ମଧ୍ୟ ଜ୍ଞାନର ଉତ୍ସ । ଯୁବ ଛାତ୍ରଛାତ୍ରୀ ଏହି ପ୍ରାଚୀନ ଜ୍ଞାନ ପରମ୍ପରାରେ ଗବେଷଣା କରିପାରିବେ । ସେ କହିଥିଲେ, ଅତୀତକୁ ବୁଝି ଏବଂ ବର୍ତ୍ତମାନକୁ ଗ୍ରହଣ କରି ବିଦ୍ୟାର୍ଥୀମାନେ ନିଜର ଏବଂ ଦେଶର ଭବିଷ୍ୟତକୁ ଗଢ଼ିପାରିବେ । ରାଷ୍ଟ୍ରପତି ସ୍ନାତକ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, ଜ୍ଞାନ, ସମର୍ପଣ ଏବଂ ପ୍ରତିବଦ୍ଧତା ମାଧ୍ୟମରେ ସେମାନେ ସମାଜରେ ସମ୍ମାନ ଏବଂ ସ୍ୱୀକୃତି ପାଇପାରିବେ । ସେମାନେ ନିଜ ସଭ୍ୟତାର ସଫଳତାର ଚାବିକାଠି ହେଉଛି ସମର୍ପଣ ବୋଲି ସେ ପରାମର୍ଶ ଦେଇଥିଲେ । ରାଷ୍ଟ୍ରପତି ଆହୁରି କହିଥିଲେ, ଗୋଟିଏ ସଫଳ ଜୀବନ ଏବଂ ସାର୍ଥକ ଜୀବନ ସମାନ ନୁହେଁ । ଜୀବନରେ ସଫଳ ହେବା ଭଲ, କିନ୍ତୁ ଜୀବନକୁ ସାର୍ଥକ କରିବା ଆହୁରି ଭଲ । ଖ୍ୟାତି, ପ୍ରତିଷ୍ଠା ଏବଂ ଆର୍ଥିକ ସୁରକ୍ଷା ହାସଲ କରିବା ଗୁରୁତ୍ୱପୂର୍ଣ୍ଣ । ହେଲେ ଅନଧିମାନଙ୍କ ପାଇଁ ମଧ୍ୟ କିଛି କରିବା ଉଚିତ । ବିଜାଖାଖାରେ ପଢ଼ିଛେ ଯାଇଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ ଏବଂ କହିଥିଲେ, ସମାଜର ବିକାଶ ସମସ୍ତଙ୍କ ବିକାଶରେ ନିହିତ । ଫକୀର ମୋହନ ବିଶ୍ୱବିଦ୍ୟାଳୟ କେବଳ ଶିକ୍ଷାଗତ ଅଧ୍ୟୟନ ନୁହେଁ, ବରଂ ଜନସମ୍ପର୍କ ଜରେରେ ମଧ୍ୟ ଗବେଷଣା ଏବଂ ଲୋକସମ୍ପର୍କ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାଦ୍ୱାରୁ ରାଷ୍ଟ୍ରପତି ସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ, ବାଲେଶ୍ୱର-ଲଚ୍ଚର ଅଂଚଳ ଏହାର ଗାଳନ, ପାନ ପତ୍ର ଏବଂ ମାଛ ପାଇଁ ପୃସିଦ୍ଧ । ଏହି କ୍ଷେତ୍ରଗୁଡ଼ିକରେ ଗବେଷଣା ଏବଂ ତାଲିମ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସେ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ । ବିଶ୍ୱବିଦ୍ୟାଳୟର ''ଷ୍ଟୁଲଜୁ ଫେରିଆସ', 'ପାଠପଢ଼ା ସମୟରେ ଉପାର୍ଜନ'' ଏବଂ ''ପ୍ରତ୍ୟେକ ବ୍ୟକ୍ତି ପରଉପୁ ଶିକ୍ଷା ଦିଅ'' କାର୍ଯ୍ୟକ୍ରମ ସହିତ ପରିବେଶ ସଚେତନତା ଏବଂ ବେଦାଭୂମି ସମେତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ । ବାଲେଶ୍ୱର ଏବଂ ଲଚ୍ଚରର ବେଦାଭୂମିରେ ନୀଳ କଙ୍କଡ଼ା ପ୍ରଜୁତ ପରିମାଣରେ ଦେଖାଯାଏ ଏବଂ ନୀଳ କଙ୍କଡ଼ା କିମ୍ବା ହର୍ଷଣ୍ଣ କଙ୍କଡ଼ା ଉପରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ବିଶ୍ୱବିଦ୍ୟାଳୟର ଦୂରଦୃଷ୍ଟିକୁ ଦର୍ଶାଇଥାଏ ବୋଲି ଶ୍ରୀମତୀ ମୁର୍ମୁ କହିଥିଲେ । ରାଷ୍ଟ୍ରପତି କହିଥିଲେ, ସମାଜର ସବୁ ବର୍ଗର ବିକାଶ, ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ଦେଶର ପ୍ରଗତିକୁ ଦ୍ୱରାନ୍ୱିତ କରିବ । ଦେଶର ସମସ୍ତ ବିଶ୍ୱବିଦ୍ୟାଳୟର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମାବେଶୀ ଶିକ୍ଷା, ନୂତନ ଉଦ୍ଭାବନ ଏବଂ ସାମାଜିକ ପରିବର୍ତ୍ତନର ମାଧ୍ୟମ ରୂପେ କାର୍ଯ୍ୟ କରିବାର ଗୁରୁତ୍ୱାର୍ଥିତ୍ୱ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ରହିଛି । ବିଶ୍ୱଶାନ୍ତିମୂଳକ ଚିନ୍ତାଧାରା, ନୈତିକ ନେତୃତ୍ୱ ଏବଂ ସ୍ଥାନୀୟ ତଥା ଜାତୀୟ ଆହ୍ୱାନର ସମାଧାନ ଉପୁଥିବା ଗବେଷଣାକୁ ପ୍ରୋତ୍ସାହନ ଦେଇ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଏପରି ଏକ ଭବିଷ୍ୟତ ନିର୍ମାଣ କରିପାରିବେ ଯାହା ବିର୍ଯସ୍ଥାୟୀ, ନ୍ୟାୟସଂଗତ ଏବଂ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ହୋଇଥିବ । ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏହାର ଶୈକ୍ଷିକ ଦୃଷ୍ଟିକୋଣ ଏବଂ ଜନ ଭାଗିଦାରୀ ମାଧ୍ୟମରେ ଏହି ଦିଗରେ ଏକ ପରିବର୍ତ୍ତନକାରୀ ଭୂମିକା ନିର୍ବାହ କରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ ।

ବିଶୃଙ୍ଖଳିତ ଆଚରଣ ପାଇଁ ୮ ବିରୋଧୀ ସାଂସଦ ଲୋକସଭାରୁ ନିଲମ୍ବିତ

ନୂଆଦିଲ୍ଲୀ, ୩/୨ (ନ୍ୟୁ.ଏ): ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ଲୋକସଭାରେ ଦେଖାଯାଇଛି ହଙ୍ଗାମା । ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଭାଷଣ ଉପରେ ଗୃହର ଅଧଃସ୍ତନ ରୋକ ଲଗାଇବାରୁ ଦେଖିବାକୁ ମିଳିଛି ଭୟଙ୍କର ବିବାଦ । ଭାରତ-ଚାଇନା ସମ୍ପର୍କକୁ ନେଇ ପୂର୍ବରୁ ବିଆଯାଇଥିବା ଗୁଳି ଓ ନିୟମର ଉଲ୍ଲଙ୍ଘନକୁ ବୃଦ୍ଧି ଦେଇ ରାହୁଲ ଗାନ୍ଧିଙ୍କ ଭାଷଣକୁ ଆଗକୁ ବଢ଼ିବାକୁ ଦେଇ ନାହାନ୍ତି ଗୃହର ଅଧ୍ୟକ୍ଷ । ଏହାକୁ ନେଇ ବିରୋଧୀ ଓ ସରକାରୀ ସଂସଦୀୟ ମଧ୍ୟରେ ହୋଇଛି ବଡ଼ା କଟାକଟି । ବିଜେପି ସାଂସଦମାନେ ରାହୁଲ ଗାନ୍ଧିଙ୍କ ଭାଷଣକୁ ବିରୋଧ କରିବାରୁ କଂଗ୍ରେସ ସାଂସଦମାନେ ଏହାକୁ ଜାଙ୍ଗଟର କରିଥିଲେ । ସେହିପରି ବିରୋଧୀ ସାଂସଦମାନେ କାଗଜ ଚିରି ଅଧ୍ୟକ୍ଷଙ୍କ ଆଡ଼କୁ ମଧ୍ୟ ଫିଙ୍ଗୁଥିବା ଦୃଶ୍ୟ ସାମ୍ନାକୁ ଆସିଛି । ଏଥିଯୋଗୁ ଗୃହ ଆଗେ ତାଲି ପାରିନାହିଁ । ବୃଦ୍ଧ ମୁଲତବୀ ହେବା ପରେ ବିଶୃଙ୍ଖଳା ଆଚରଣ କରିଥିବା ବିରୋଧୀ ସାଂସଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଛନ୍ତି ସରକାରୀ ଦଳର ସାଂସଦ । ସରକାରୀ ଦଳର ସୁପାରିଶ ଆଧାରରେ ଲୋକସଭାରୁ ୮ ଜଣ ବିରୋଧୀ ଦଳର ସାଂସଦଙ୍କୁ ନିଲମ୍ବିତ କରାଯାଇଛି । ଗୃହରେ ବିଶୃଙ୍ଖଳା ଆଚରଣ ଓ ଗୃହର ଅଧ୍ୟକ୍ଷଙ୍କ ଆଡ଼କୁ ଜାଗଜ ଫିଙ୍ଗିବା ଘଟଣାରେ ସେମାନଙ୍କୁ ନିଲମ୍ବିତ କରାଯାଇଛି । ସେମାନଙ୍କ ଭେଳେ ମଣିକମ ଟାଗୋର, ଗୁରଜୀତ ଓଜଲା, ରାଜା ଖୁଣ୍ଟି, ଭଳି ଇତେନ, କରିଣ ରେଡ୍ଡୀ, ଲୋକେଟ ଚାଟାର୍ଜୀ, ପ୍ରଣବ ଜାଭେଲ ଓ ଡିନ କୁରିଆକୋସେ । ଏମାନଙ୍କୁ ଚଳିତ ବଜେଟ ଅଧିବେଶନରୁ ସଂପୂର୍ଣ୍ଣ ଭାବେ ନିଲମ୍ବନ କରାଯାଇଛି । ଲୋକସଭା ବାଚସ୍ପତି ବିରୋଧୀ ସାଂସଦଙ୍କ ଏପରି ଆଚରଣକୁ ସଂସଦୀୟ ପରମ୍ପରାର ବିରୋଧାଚରଣ ଓ ଏହାକୁ ଜେବେ ହେଲେ ବି ବଜେଟ ଅଧିବେଶନରେ ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି । ଆଜି ନିଜର ଅଭିଭାଷଣ ଆରମ୍ଭ କେବେ ରାହୁଲ ଗାନ୍ଧି ସୋମବାର ଜେଏଁ ଇଜି ତାଙ୍କ କଥା ଉପରେ ରୋକ ଲଗା ଯାଇଥିଲା ସେ ପ୍ରସଙ୍ଗ ଉଠାଇଥିଲେ । ସେ ଗୃହର ଅଧ୍ୟକ୍ଷଙ୍କୁ କହିଥିଲେ ଯେ "ମୁଁ ଅନୁମତି ଶବ୍ଦ ଉପରେ ଆପତ୍ତି କରୁଛି । ମୋତେ କେହି ବି ଅନୁମତି ଦେଇନାହାନ୍ତି । ମୁଁ ଗୃହର ବିରୋଧୀ ଦଳ ନେତା ।" ଏହାର ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, "ସମସ୍ତେ ଅନୁମତି ସହିତ କୁଦନ୍ତି । ସେ ଯିଏ କେହି ବି ହେଉ ଆପାନ୍ଥୁ । ବାଚସ୍ପତିଙ୍କ ବିନା କେହି ବି କହିପାରିବେ ନାହିଁ ।" ରାହୁଲ ଗାନ୍ଧି କହିଛନ୍ତି ଯେ ଗୋଟିଏ ଆଲୋଚନା ସମ୍ପର୍କରେ କହିବାକୁ ଚାହୁଁଛନ୍ତି, ଯେଉଁଥିରେ ଶତପ୍ରତିଶତ ସତ୍ୟତା ରହିଛି । ଏହା ଜାତୀୟ ସୁରକ୍ଷା ସହ ମଧ୍ୟ ଜଡ଼ିତ । ରାହୁଲ ଗାନ୍ଧି କହିଥିଲେ, "ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଜାତୀୟ ସୁରକ୍ଷା । ପଳିଷ୍ଟାନ, ଚାଇନିଜ ଓ ଆମମାନଙ୍କ ମଧ୍ୟରେ ଥିବା ସମ୍ପର୍କ କ'ଣ ? ଏହାକୁ ନେଇ ପ୍ରକାଶିତ ସମ୍ବରେ ଗୋଟିଏ ପ୍ରମୁଖ କଥା କୁହାଯାଇଛି । ଏଥିରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା ରହିଛି ।" ତେବେ ବିଜେପି ସଂସଦୀୟମାନେ ଏହାକୁ ଦୃଢ଼ ଭାବେ ବିରୋଧ କରିବାରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ସୋମବାର ଘଟିଥିବା ଘଟଣା ସମ୍ପର୍କରେ ସୂଚନା ଦେଇ ଗୃହର ଅଧ୍ୟକ୍ଷ ଆଜି ରାହୁଲ ଗାନ୍ଧିଙ୍କୁ ନିଜର ବକ୍ତବ୍ୟ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ସୀମିତ ରଖିବାକୁ କହିଥିଲେ । ରାହୁଲ ଗାନ୍ଧି ଏହାର ଜବାବରେ କହିଥିଲେ ଯେ "ଗତକାଲି ମୁଁ କହିଥିଲି ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଜାତୀୟ ସୁରକ୍ଷାର ପ୍ରସଙ୍ଗ ସହ ଜଡ଼ିତ । ସ୍ତରରେ ଏ ସବୁ ବିଷୟରେ କୁହାଯାଇଛି । ଏହାର ସତ୍ୟତା ରହିଛି ।" ଅଧ୍ୟକ୍ଷ ଏହା ଶୁଣି କହିଥିଲେ ଯେ "ବୟକରି ଏହାକୁ ଗୃହରେ ଦାଖଲ କରନ୍ତୁ । ଆମେ ଏହାକୁ ଯାଂ ଜରିବୁ ଓ ଆପଣଙ୍କୁ ଫେରାଇବୁ । ମୁଁ ବିରୋଧୀ ଦଳର ନେତାଙ୍କୁ କେବଳ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କହିବାକୁ ଅନୁରୋଧ କରୁଛି ।" କିରଣ ରିଜିଜୁ ଏହି ସମୟରେ କହିଥିଲେ ଯେ "ଗତକାଲି(ସୋମବାର) ବାଚସ୍ପତି ଗୋଟିଏ ରୁଲିଂ ଦେଇଥିଲେ ।

ଟାରିଫ ହ୍ରାସ କଲା ଆମେରିକା

ନୂଆଦିଲ୍ଲୀ, ୩/୨ (ନ୍ୟୁ.ଏ): ଟାରିଫ ହ୍ରାସ କଲା ଆମେରିକା । ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କଲେ ଡୋନାଲ୍ଡ ଟ୍ରମ୍ପ । ଆଗକୁ ପୂରା ୨୫ ପ୍ରତିଶତ ହ୍ରାସ ହେବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥାବାର୍ତ୍ତା ପରେ ଟାରିଫ ହ୍ରାସ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି । ଟ୍ରୁଥ ସୋସିଆଲ ମିଡିଆରେ ଏହି ଘୋଷଣା କରିଛନ୍ତି ଟ୍ରମ୍ପ । ଭାରତୀୟ ସାମଗ୍ରୀ ଉପରେ ଶୂନ୍ୟ ୨.୫% ରୁ କମାଇ ୧୮% କରାଯାଇଥିବା ଘୋଷଣା କରିଛନ୍ତି । ଏହା ବଦଳରେ ଭାରତ ମଧ୍ୟ ଆମେରିକାରୁ ସାମଗ୍ରୀ ଉପରୁ ଟ୍ୟାକ୍ସ କମାଇବାକୁ ରାଜି ହୋଇଛି । ଏହି ଚୁକ୍ତିର ସବୁଠାରୁ ବଡ଼ ସର୍ତ୍ତ ହେଉଛି, ଭାରତ ଏବେ ରୁଷିଆ ଠାରୁ ଶସ୍ତା ଅଶୋଧିତ ତେଲ କିଣିବା ବନ୍ଦ କରିବ କିମ୍ବା ବହୁତ କମାଇ ଦେବ । ଏହା ବଦଳରେ ଭାରତ ଏବେ ଆମେରିକା ଠାରୁ ତେଲ ଓ ଗ୍ୟାସ୍ କିଣିବ । ଟ୍ରମ୍ପଙ୍କ ଅନୁସାରେ, ଏହାଦ୍ୱାରା ରୁଷିଆର ଆୟ କମିବ ଏବଂ ୟୁକ୍ରେନ ଯୁଦ୍ଧ ଶେଷ କରିବାରେ ସାହାଯ୍ୟ ମିଳିବ । ଟାରିଫ ହ୍ରାସ ସହ ବାଣିଜ୍ୟ ଚୁକ୍ତି ଘୋଷଣା କରିଛନ୍ତି ଟ୍ରମ୍ପ । ଭାରତ ଆଗାମୀ ଦିନରେ ଆମେରିକା ଠାରୁ ପ୍ରାୟ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବାକୁ ପ୍ରତିଶ୍ରୁତି ଦେଇଛି । ଏଥିରେ ରହିଛି ତେଲ, ଗୋଲାଣ୍ଡ, ପ୍ରଯୁକ୍ତିବିଦ୍ୟା ଓ କୃଷି ଜାତ ଦ୍ରବ୍ୟ । ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଲେଖିଛନ୍ତି ଯେ, "ମୋଦୀ ଜଣେ ଶକ୍ତିଶାଳୀ ଓ ସମ୍ମାନଜନକ ନେତା । ଆମେ ତୁଙ୍କେ କାମ କରିବାରେ ବିଶ୍ୱାସ କରୁ । ଏହି ଚୁକ୍ତି ବନ୍ଧୁତ୍ୱ ଓ ସମ୍ମାନର ପ୍ରତୀକ ।" ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଗାମୀ ଦିନରେ ଭାରତ ଉପରେ ଲଗାଇଥିବା ପୂରା ୨୫ ପ୍ରତିଶତ ପାଲଟା ଶୁଳ୍କ ହଟାଇବ ଆମେରିକା । ଏ ନେଇ ହ୍ୱାଇଟ ହାଉସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

କନ୍ୟାଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩/୨ (ଆ.ପ୍ର) : ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସାଧାରଣ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜବୁତ କରିବା ପାଇଁ ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ ଅବସରରେ କହିଛନ୍ତି । ଆଜି ମା' ତାରା ତାରିଣୀଙ୍କ ପୀଠରେ ଏହି ଯୋଜନାର ଶୁଭାରମ୍ଭ କରାଯାଇ ୨୦୧ଜଣ କନ୍ୟାଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି । ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ବିବାହ ମଣ୍ଡପରେ କର୍ତ୍ତା ଭାବେ ହୋମ କୁଣ୍ଡରେ ଆହୁତି ପ୍ରଦାନ କରି ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଏପରି ଏକ ଓଡ଼ିଶା ଗଢ଼ିବା ଯେଉଁଠି କୌଣସି କନ୍ୟା ଆର୍ଥିକ ଦୁର୍ବଳତା କିମ୍ବା ସାମାଜିକ ଚାପ ହେତୁ ବିବାହର ପ୍ରାପ୍ତ ବୟସ ପୂର୍ବରୁ ବିବାହ କରିବାକୁ ବାଧ୍ୟ ହେବେ ନାହିଁ । ଆହୁରି ମଧ୍ୟ ଏହି ଯୋଜନା ସମାଜକୁ ଏକ ନୂତନ ବାର୍ତ୍ତା ଦେବ ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ହେଉଛନ୍ତି ଭଗବାନଙ୍କ ଆଶୀର୍ବାଦ । ସୂଚନାଯୋଗ୍ୟ ଯେ, ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଙ୍ଗଳିକ ଯୋଜନାରେ ସାମିଲ୍ ହେବା ପାଇଁ କନ୍ୟାର ବୟସ ୧୮ରୁ ୩୫ବର୍ଷ ଏବଂ ବରର ବୟସ ୨୧ରୁ ୩୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର

ସ୍ଥାୟୀ ବାସିନ୍ଦା ହୋଇଥିବେ । ଏହି ଯୋଜନରେ ଯୋଗ୍ୟ କନ୍ୟାଙ୍କୁ ୬୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ୪୫ହଜାର ଟଙ୍କା ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉ[ଣ୍ଟ ଏବଂ ୧୫ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଇଛି । ଯୋଗ୍ୟ ଦମ୍ପତି ମାନଙ୍କୁ ଜିଲ୍ଲା ସ୍ତର ଲାଭୁ ଚୟନ କରାଯାଇଛି । ଓଡ଼ିଶାର ପ୍ରସିଦ୍ଧ ମା' ତାରା ତାରିଣୀଙ୍କ ଆଦିଶକ୍ତିପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହିତ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃ ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ପୁଣି କହିଥିଲେ, ୨୦୨୫-୨୬ରୁ ୨୦୨୯-୩୦ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ ଏବଂ ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବଡ଼ ଅଟ୍ଟାଳିକା କିମ୍ବା ରାସ୍ତାଘାଟ କିମ୍ବା ଶିଳ୍ପ କେବଳ ବିକାଶ ନୁହେଁ ପ୍ରକୃତ ବିକାଶ ହେଉଛି ରାଜ୍ୟର ମା' ଏବଂ ଭଉଣୀମାନଙ୍କ ସୁରକ୍ଷା, ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଗଠନ କରିବା । ଏକ ସମୃଦ୍ଧ ଓଡ଼ିଶାରେ ପ୍ରତ୍ୟେକ କନ୍ୟା ଶିକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟେକ ମହିଳା ସୁରକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟେକ ପରିବାର ସ୍ୱାଭିମାନର ସହିତ ବଂଚିବା ଉଚିତ । ଆଗାମୀ ଦିନରେ ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ର

ଶୈଶବର
ଆରମ୍ଭ
SEITHO ARAMBHA
ବୁଧବାର, ୪ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ମଣ୍ଡିରେ ଧାନ କାଟ ବନ୍ଦ ନେଇ ନବ ନିର୍ମାଣ କୃଷକ ସଂଗଠନର ସାମ୍ବାଦିକ ସମ୍ମିଳନୀ

ଖଣ୍ଡପଡ଼ା, ୩।୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସେବା ସମବାୟ ସମିତିରେ ଖୋଲିଥିବା ଧାନ ମଣ୍ଡିରେ ସମବାୟ ସମିତିର ସଭାପତି ଓ ମିଲର ଜର୍ଜପ୍ରକାର ସଲାମୁତରାରେ କ୍ୱିଂଟାଲ ପିଛା ୭ ଗୁ ୮ ଜେଡ଼ି ଧାନ କଟାଯାଇ ଧାନ କ୍ରୟ କରାଯାଇଥିବା କଳିପଡିବା ପରେ ଏ ନେଇ ପ୍ରତିବାଦର ସ୍ୱର ଉଠାଇଛି ନବ ନିର୍ମାଣ କୃଷକ ସଂଗଠନ । ଚାଷୀମାନଙ୍କ ଦୃଢତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ମା ଜାମାଦେବୀଙ୍କ ପୀଠ ପରିସରରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ନବ ନିର୍ମାଣ କୃଷକ ସଂଗଠନର ଖଣ୍ଡପଡ଼ା ଓ ଭାପୁର ବ୍ଲକ ସଂଯୋଜକ ବାସୁଦେବ ସାହୁ, ଅଭିମନ୍ୟୁ ଗୁମାଳି ପ୍ରଧାନ, ସୁରେଶ ଚନ୍ଦ୍ର ଦାଶ, ମହେଶ୍ୱର ମହାନ୍ତି, ପ୍ରଫୁଲ୍ଲ ଜୁମାର କର, ଗଙ୍ଗାଧର ଜେନା,

ମଙ୍କୁଳି ବେରେରା ପ୍ରମୁଖ ସଂଗଠନର ସଦସ୍ୟମାନେ ସରକାରଙ୍କ କୃଷକ ମାରଣ ନୀତିକୁ କଡ଼ୁ ସମାଲୋଚନା କରିଥିଲେ । ମଣ୍ଡିରେ ଧାନ କାଟ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ସହ ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ଆନୁସଙ୍ଗିକ ସମ୍ମତ ବ୍ୟବସ୍ଥା କରିବାକୁ ସଂଗଠନର ସଦସ୍ୟମାନେ ଦାବି କରିଥିଲେ । ସମ୍ମଳ ମଣ୍ଡିରେ ଧାନ କ୍ରୟ ବେଳେ କ୍ୱିଂଟାଲ ପିଛା ଧାନ କାଟ ବନ୍ଦ ନେଇ ନୟାଗଡ଼ ଜିଲ୍ଲାପାଳ ଘୋଷଣା କରିଥିଲେ ।ମାତ୍ର ଜିଲ୍ଲାପାଳଙ୍କ ଘୋଷଣା ସତ୍ତ୍ୱେ ମଧ୍ୟ ମିଲରଙ୍କ ମନମାନିରେ କ୍ୱିଂଟାଲ ପିଛା ଧାନ କାଟ କରାଯାଇଥିବା ବେଳେ ସମବାୟ ସମିତିର ସଭାପତିମାନେ ଏ ନେଇ ନୀରବତା ଅବଲମ୍ବନ କରୁଥିବାରୁ କୃଷକ ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ । ନୟାଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଗାଣ ଅଧିକାରୀ ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଗଠନର ସଦସ୍ୟମାନେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ପରେ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ନିଜସ୍ବ ବାଇଗୁଣ୍ଡିଆ ଗ୍ରାମସ୍ଥିତ ସେବା ସମବାୟ ସମିତିରେ ଚାଲିଥିବା ଧାନ ମଣ୍ଡିରେ ପଞ୍ଚଂତି ସମିତିର ସଭାପତି ଓ ସ୍ଥାନୀୟ ଅଂଚଳର ଚାଷୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ମାଆ ବିରଜାଙ୍କ ଦର୍ଶନ ସହ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ରାଷ୍ଟ୍ରପତି

ଯାଜପୁର, ୩।୨ (ଆ.ପ୍ର) : ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଯାଜପୁର ବିରଜା ମନ୍ଦିର ଗସ୍ତରେ ଆସିଛନ୍ତି । ସମଗ୍ର ଜିଲ୍ଲାବାସୀ ମହାମହିମ ରାଷ୍ଟ୍ରପତିଙ୍କୁ ଗସ୍ତକୁ ନେଇ ଉତ୍ସାହିତ ଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା । ଯାଜପୁରବାସୀ ଏହି ଐତିହାସିକ ମୁହূର୍ତ୍ତର ସାକ୍ଷୀ ହୋଇଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ୩.୩୦ ମିନିଟ ସମୟରେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆରେ ହେଲିପ୍ୟାଡରେ ଅବତରଣ କରିଥିଲେ । ସେଠାରେ ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଲାଭେ ମାନ୍ୟବର ପଂଚାୟତରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ମାନ୍ୟବର ସମବାୟ ମନ୍ତ୍ରକ୍ତ, ବୟନ ଶିଳ୍ପ,ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରତାପ ଜନ ସାମନ୍ତ, ମାନ୍ୟବର ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଓ ବିଧାୟିକା ବୃନ୍ଦ, ଜିଲ୍ଲାପରିଷଦ ଅଧ୍ୟକ୍ଷା, ଡି.ଆର.ଡି ପୋଲିସ ଶ୍ରୀ ଚରଣ ସିଂ ମୀନା, ଅତିରିକ୍ତ ମହାନିର୍ଦ୍ଦେଶକ ପୋଲିସ ରେଳବାଇ ଓ ଉପକୂଳ ସୁରକ୍ଷା ଶ୍ରୀ ଅରୁଣ ବୋଥ୍ରା, ଜେଡ୍ଆଇଜ

ରାଜସ୍ୱ ଆୟୁକ୍ତ ଶ୍ରୀମତୀ ଗୁଡ଼ା ପୁନମ ଚାପସ କୁମାର, ଜିଲ୍ଲାପାଳ ଶ୍ରୀ ଅମର କୁମାର କର, ଆରକ୍ଷୀ ଅଧୀକ୍ଷକ ଶ୍ରୀ ଯଶ ପ୍ରତାପ ଶ୍ରୀମାଳଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ମହାମହିମ ରାଷ୍ଟ୍ରପତିଙ୍କୁ ଯାଜପୁର ମାଟିକୁ ଭବ୍ୟ ସ୍ୱାଗତ କରିଥିଲେ । ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ଆୟୋଜନ କରାଯାଇଥିଲା । ହେଲିପ୍ୟାଡରୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ମା' ବିରଜାଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ବିରଜା ମନ୍ଦିରରେ ପହଂଚି ଉପଯୁକ୍ତ ପ୍ରକ୍ଷାଳନ କରି ମନ୍ଦିର ପ୍ରବେଶ କରିଥିଲେ । ପ୍ରଥମେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ । ପ୍ରାୟ ୧ ଘଂଟା ଧରି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଚାରି ଜଣ ସେବାୟତ ବ୍ରାହ୍ମଣ ନିୟୋଜିତ ଥିଲେ । ପିଣ୍ଡ ଦାନ ସରିବା ପରେ ମହାମହିମ ରାଷ୍ଟ୍ରପତି ମାଆ ବିରଜାଙ୍କ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ବେଦୀ ସେବାଙ୍କ ଦର୍ଶନ କରିଥିଲେ ଏବଂ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ । ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ବହୁସଂଖ୍ୟକ ବେଦ ମନ୍ତ୍ର ଗଜାରଣ ଓ ହୁଳୁହୁଳି ନାଦରେ ଗୁଞ୍ଜରିତ ହେଉଥିଲା । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ରୌପ୍ୟ ମୂର୍ତ୍ତି ଏବଂ ଟସର ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହା ପରେ ନିମନ୍ତ୍ରିତ ବ୍ରହ୍ମକୁମାରୀମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ । ଏହା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ପ୍ରଶାସନିକ ଭବନ ହେଲିପ୍ୟାଡକୁ ଯାତ୍ରା କରିଥିଲେ ଏବଂ ଦିନ ୧୧.୪୦ ମିନିଟ ସମୟରେ ବିମାନ ଯୋଗେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ । ଏହି ଗସ୍ତ ଅବସରରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଜନସାଧାରଣ ଉପସ୍ଥିତ ରହି ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧୀଷ୍ଣ ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଶ୍ରୀ ରାଜସ୍ୱ ରଞ୍ଜନ ଦେବୁରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପ ଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ ।

ନବରଙ୍ଗପୁର ଜିଲ୍ଲାରେ ସମ୍ପୂର୍ଣ୍ଣତା ଅଭିଯାନ ୨ .୦ ଶୁଭାରମ୍ଭ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନବରଙ୍ଗପୁର:୦୩/୦୨(ଆ.ପ୍ର): ଗତକାଲି ତା ୨.୨.୨୦୨୬ ସନ୍ଧ୍ୟା ୫.୩୦ ମୀ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେତା ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଜ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମ୍ପୂର୍ଣ୍ଣତା ଅଭିଯାନ ୨ .୦ ଶୁଭା ରମ୍ଭ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ୫ ଟି ପ୍ରମୁଖ ସୂଚକ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ୬ ଟି ସୂଚକର ପରିପୂର୍ଣ୍ଣତା ହାସଲ କରିବା ପାଇଁ ଏକ ବ୍ୟାପକ ଏବଂ ସମୟସୀମାବଦ୍ଧ କାର୍ଯ୍ୟ ଯୋଜନା ରୂପାୟନ କରାଯାଇଥିଲା ।ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ବ୍ଲକସ୍ତରୀୟ ଶୁଭାରମ୍ଭ ୪.୨.୨୦୨୬ରିଖରେ ଡାଙ୍ଗୁର୍ଣ୍ଣ ବ୍ଲକରେ ଏବଂ ୫.୨.୨୦୨୬ ରିଖ ରେ ଚେବୁଲିଖୁଂଟି ବ୍ଲକରେ ଅନୁଷ୍ଠିତ ହେବ । ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ୬ ଫେବୃଆରୀ ୨୦୨୬ ରେ ମିଶନ ଶକ୍ତି ସମ୍ମିଳନୀ ହଲ ନବରଙ୍ଗପୁରରେ ସ୍ଥିର କରାଯାଇଛି । ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଶିକ୍ଷା,କୃଷି ଏବଂ ଆନୁଷଙ୍ଗିକ ସୂଚକାଙ୍କ ଉପରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସକାଳ ୮.୦୦ ଘ ରେ ଏକ ପ୍ରଭାତ ଫେରି (ସଚେତନତା ରାଲି) ଆୟୋଜନ କରାଯିବ । ଏହା ଡକ୍ଟର

ଜି.ଆର. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରୁ ଆରମ୍ଭ ହୋଇ ସହିଦ ମାହଙ୍ଗଦ ବାଡି ପ୍ରତିମୂର୍ତ୍ତିରେ ଶେଷ ହେବ । ମିଶନ ଶକ୍ତି ସମ୍ମିଳନୀ ଗୃହରେ ଶୁଭାରମ୍ଭ କାର୍ଯ୍ୟକ୍ରମ ସରକାରୀ ଯୋଜନା ଏବଂ ସେବା ସମ୍ପର୍କରେ ସଚେତନତା କରିବା ପାଇଁ ପୋଷଣ, ସ୍ୱାସ୍ଥ୍ୟ ଏବଂ ପଶୁଚିକିତ୍ସା ବିଭାଗ ଦ୍ୱାରା ଗାଂଟଟି ବିଭାଗୀୟ ଷ୍ଟଲ୍ ସ୍ଥାପନ କରାଯିବ । ସେଇଭଳି ୭ ରୁ ୨୦ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲା ସାରା ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହା ସହିତ, ୬ ଫେବୃଆରୀ ୨୦୨୬ ଠାରୁ ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ ଟି ବ୍ଲକରେ ଏକ ସଚେତନତା ରଥ ପରିକ୍ରମା କରିବ, ଯାହା ଲୋକଙ୍କ ସହଭାଗିତା ଏବଂ ସମାଜିକ ଅଂଶଗ୍ରହଣକୁ ସୁଦୃଢ଼ କରିବ । ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ପରିପୂର୍ଣ୍ଣତା ସୂଚକ ଯଥାକ୍ରମେ ଜନୁ ସମୟରେ ସମସ୍ତ ଜୀବିତ ଶିଶୁଙ୍କ ଓଜନ ସୁନିଶ୍ଚିତ କରିବା , ଯକ୍ଷ୍ମା ରୋଗ ନିରାକରଣ ଉପରେ ବିଶେଷ ପରବେକ୍ଷଣ, ଅଙ୍ଗନୱାଡ଼ି କେନ୍ଦ୍ର / ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗତ ଏକ ମାସରେ ଅତି କମରେ ଗୋଟିଏ ଗ୍ରାମ ସ୍ୱାସ୍ଥ୍ୟ ପରିମଳ ଏବଂ ପୁଷ୍ଟିକର ଦିବସ / ସହର ସ୍ୱାସ୍ଥ୍ୟ ପରିମଳ ଏବଂ ପୁଷ୍ଟିକର ଦିବସ ଆୟୋଜନ କରିବା, ଶତପ୍ରତିଶତ ପଞ୍ଚାୟତମାନଙ୍କର ଚିହ୍ନାକରଣ, ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟଶମ ବାଳିକା ଶୌଚାଳୟ ସୁନିଶ୍ଚିତ କରିବା । ସେଇଭଳି ଆଙ୍କାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ପରିପୂର୍ଣ୍ଣତା ସୂଚକ ସମସ୍ତ (୬ ମାସରୁ ୬ ବର୍ଷ) ଶିଶୁମାନଙ୍କୁ ନିୟମିତ ଭାବରେ ପରିପୂରକ ପୁଷ୍ଟିକର ଖାଦ୍ୟ ଗ୍ରହଣ, ରିପୋର୍ଟିଂ ମାସ ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ଲେଖାଇଥିବା ପିଲାମାନଙ୍କର ଓଜନ ମାପ ,ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକ୍ଷମ ଶୌଚାଳୟ ସୁନିଶ୍ଚିତ କରିବା , ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ ସୁବିଧା ଉପଲବ୍ଧ କରିବା , ଶତପ୍ରତିଶତ ମଇଁଷି ଜାତୀୟ ପଶୁମାନଙ୍କର ଟିକାକରଣ ଏବଂ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକ୍ଷମ ଶୌଚାଳୟ ସୁନିଶ୍ଚିତ କରିବା । ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଏହି ସୂଚକମାନଙ୍କ ର ୧୦୦ ପ୍ରତିଶତ ପରିପୂର୍ଣ୍ଣତା ହାସଲ ନିଜ ସ୍ତରରେ କାର୍ଯ୍ୟକୁ ନେଇ ୧୪ ଏପ୍ରିଲ ୨୦୨୬ ସୁଦ୍ଧା ସମୟ ସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିଡିଓ ନାରାୟଣ ଦରଖାନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ମନଜ ତ୍ରିପାଠୀ, ଉପନିର୍ଦ୍ଦେଶକ, ଯୋଜନା ପର୍ଯ୍ୟବେକ୍ଷଣ ବିଭାଗ ଏଣ୍ଡର୍ଯ୍ୟ ଭଞ୍ଜ , ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବୁଦ୍ଧିପୋରୀ କର୍ଜନ ଏବଂ ପ୍ରୋଗ୍ରାମ ମ୍ୟାନେଜର, ଟିରାମିଲ ଫାଉଣ୍ଡେସନ ବିକ୍ରମ ରାଣା ପ୍ରମୁଖ ଉପସ୍ଥିତ ଥିଲେ

ଉଦ୍‌ଘାଟିତ ହେଲା ସୁଭଦ୍ରା ଶକ୍ତି ମେଳା

ଜଗତସିଂହପୁର, ୩।୨(ଆପ୍ର) : ଜିଲ୍ଲାପାଳ ଜେ ସୋନାଲ ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର ମେଳା ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ କରିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ପାଇଁ ନୂତନ ବଜାର ଓ ବ୍ୟବସାୟ ସୃଷ୍ଟି କରି ଅର୍ଥନୀତିକୁ ନୂତନ ଗତି ଦେବା ଲକ୍ଷ୍ୟରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ୩୦ ଜିଲ୍ଲାର ପ୍ରତିନିଧିତ୍ୱ ରହିଛି । ମେଳାକୁ ଉଦଘାଟନ କରି ଜିଲ୍ଲାପାଳ ଜେ ସୋନାଲ କହିଲେ ଆମେ ସମସ୍ତେ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର କରିବା ପାଇଁ ସେ ଗୁରୁତ୍ୱ ଦେଇଥିବେ ଯାହାଦ୍ୱାରା ଦେଶ ଆତ୍ମ ନିର୍ଭର ହେବା ସହ ଆମ ଅର୍ଥନୀତି ସୁଦୃଢ ହୋଇ ପାରିବ । ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ଗ୍ରାମୀଣ ଉତ୍ପାଦର ବିପଣନକୁ ଉତ୍ସାହିତ କରିବା ପାଇଁ ଆୟୋଜିତ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ ପାଇଁ ନୂତନ ବଜାର ଏବଂ ବ୍ୟବସାୟିକ ସୁଯୋଗ ପ୍ରଦାନ କରିବା, ସ୍ଥାନୀୟ ଉତ୍ପାଦର ବିକ୍ରୟ ବୃଦ୍ଧି କରିବା, ମହିଳା ଉଦ୍ୟୋଗୀଙ୍କ ଆତ୍ମବିଶ୍ୱାସ ଏବଂ ନେତୃତ୍ୱ ଗୁଣର ବିକାଶ, ବାଜରା ଏବଂ ପୁଷ୍ଟିକର ଖାଦ୍ୟ ପ୍ରତି ଜନସଚେତନତା, ଗ୍ରାମୀଣ ଅର୍ଥନୀତିକୁ ନୂତନ ଦିଗ ଏବଂ ମହିଳାଙ୍କ ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ସାମାଜିକ ସ୍ୱୀକୃତି

ପ୍ରଦାନ କରିବା । ଲକ୍ଷପତି ଦିଦି ସୃଷ୍ଟି ରେ ଜିଲ୍ଲା ସମଗ୍ର ରାଜ୍ୟ ରେ ବିତ୍ତୀୟ ସ୍ଥାନ ଅଧିକାର କରିଛି ମାତୃ ବାଣୀ କ୍ଷେତ୍ର ସର୍ବଦା ପ୍ରଥମ ସ୍ଥାନ ରେ ରହିଥାଏ ତେଣୁ ସେହି ସ୍ଥାନ ରେ ପହଂଚିବାକୁ ସର୍ବଦା ଚେଷ୍ଟା କରୀ ରହିବ ବୋଲି ସେ କହିଥିଲେ । ଜିଲ୍ଲା ରେ ଅନ୍ୟାୟ ଅନୀତି ଠାରୁ ଦୂରରେ ରହି ସୁଦୃଢ଼ ଜିଲ୍ଲା ଗଠନ ଦିଗରେ ବ୍ରତୀ ହେବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମହିଳା ମାନେ ଆତ୍ମନିର୍ଭର ହୋଇପାରିଲେ ବିକଶିତ ଓଡ଼ିଶା ଗଠନ ହୋଇପାରିବ । ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା ଉପସ୍ଥିତ ରହି ଓଡ଼ିଶା ତଥା ଜିଲ୍ଲାର ମହିଳା ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ଏହି ମେଳା ପୃଷ୍ଠଭୂମି ଯୋଗାଇବ ବୋଲି କହିଥିଲେ । ସଭାରେ ସମ୍ମାନିକ ଅତିଥି ରୂପେ ଯୋଗଦେଇ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ନାରୀ ଶକ୍ତିର ଉନ୍ନତି ରେ ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ । ଶେଷ ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ୩୦ ଜିଲ୍ଲାର ୧୫୦ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଛନ୍ତି ।୨୦ ଟି ପାରମ୍ପରିକ ଖାଦ୍ୟର ଷ୍ଟଲ ମୁଖ୍ୟ ଆକର୍ଷଣ ରହିଛି । ବିଭିନ୍ନ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଓରମାସ ସହଯୋଗ ରେ ଆୟୋଜିତ ଏହି ମେଳା ଆଗାମୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଜିର ଉଦଘାଟନୀ ଉତ୍ସବରେ ବିଭିନ୍ନ ବ୍ଲକ୍ ରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନେ, ସମସ୍ତ ପ୍ରଶାସନିକ ଅଧିକାରୀ, ସହର ର ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ

ଶୀର୍ଷକ
ଆରମ୍ଭ
SEITHO ARAMBHA
ବୁଧବାର, ୪ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଟିପିଏନ୍‌ଓଡିଏଲ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ

ବାଲେଶ୍ୱର,୦୩/୦୨ (ଆ.ପ୍ର) : ଟିପିଏନ୍‌ଓଡିଏଲ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି । 'ଯତ୍ନଶୀଳ ହେବା, ସୁରକ୍ଷିତ ରହିବା' ବାର୍ତ୍ତା ନେଇ କର୍ପୋରେଟ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ସର୍କଲ, ଡିଭିଜନ, ସବଡିଭିଜନ ତଥା ସେକ୍ସନ ପ୍ରଭୃତି କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସଡ଼କ ସୁରକ୍ଷା ନେଇ ସଚେତନ ହେବା ସହ ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ ପାଇଁ ଶପଥ ନେଇଥିଲେ । ଏହି ଅବସରରେ ବିଦ୍ୟାଳୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ ଆଦି ଦ୍ୱାରା ସଡ଼କ ସୁରକ୍ଷା ନେଇ ସଚେତନ କରାଯିବା ସହ ଗାଡି

ଚାଳକଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ସେହିପରି ଗାଡ଼ି ଚାଳକ ତଥା କର୍ମଚାରୀଙ୍କଙ୍କ ପାଇଁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବା ସହ ବିଭିନ୍ନ କାର୍ଯ୍ୟାଳୟ ସ୍ତରୀୟ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ସୂଚନା ମୁତାବକ ୩୧ରୁ ଊର୍ଦ୍ଧ୍ୱ ସଚେତନତା ରାଲି, ୪୯ଟାଣ୍ଡଲ ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା, ୨୨୦ଜଣ ଗାଡ଼ି ଚାଳକଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ବିଦ୍ୟାଳୟ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅଧୀନରେ ୨୨ଟି ଅଧିବେଶନରେ ପ୍ରାୟ ୨୪ଶହ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ଉଦ୍‌ଯାପିତ ହେଲା ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବ

ବାଲେଶ୍ୱର, ୦୩/୦୨ (ଆ.ପ୍ର) : ଅନେକ ଉତ୍ସାହ ଓ ଉଦ୍ଦୀପନାର ସହିତ ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବ ଜଗତସିଂହପୁର ସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ମହା ଆଡମ୍ବର ସହ ପାଳିତ ହୋଇଯାଇଛି । ବିଗତ ବର୍ଷ ମଧ୍ୟରେ ୧୨ଟି ଐତିହ୍ୟ ପଦଯାତ୍ରା ସଫଳ ହେବା ପରେ ଏହି ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱାମୀ ବିବେକାନନ୍ଦ ମେମୋରିଆଲ ମହାବିଦ୍ୟାଳୟର ଛାତ୍ର ସେଜ୍ ସାହିଲ ମହମ୍ମଦଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ ରୂପେ ଜଗନ୍ନାଥାଷ୍ଟକ ପରିବେଶଣ ହୋଇଥିଲା । ପରେ ମାଆ ଶାରଳାଙ୍କ ଘଟ ପାଟୁଆ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଶିକ୍ଷାବିତ ଚକ୍ରର ବସନ୍ତ ମଞ୍ଜରୀ ବାସକ ସଙ୍ଗୀତଟିଏ ଆୟୋଜିତ ସଭାରେ ଚକ୍ରର ଦାପକ ସମ୍ମାନଗୟ, ଅମ୍ବିକା ପଟ୍ଟନାୟକ, ରଞ୍ଜନ କୁମାର ପଣ୍ଡା, ଭଗବାନ ଦାଶ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଜିଲ୍ଲା ସ୍ତରୀୟ ବିତ୍ତାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ମାଟି ଓ ସଂସ୍କୃତି ପ୍ରତି ଅବଦାନ ପାଇଁ ବାସନ୍ତୀ ଅପା (ସାରଦାଳା ପଟ୍ଟନାୟକ), ଘଟ ପାଟୁଆ ନୃତ୍ୟ ଶିକ୍ଷୀ ମିହିର ନନା, ଶାମ୍ ଚାରା, ବଡ଼ବାଗ ହସ୍ତତନ୍ତ୍ର ସମିତି, ଶିଶିର କୁମାର ପଣ୍ଡା ଓ ହେମନ୍ତ କୁମାର ରାଉତଙ୍କୁ ସମ୍ମାନିତ କରାଯାଇଥିଲା । ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ହସ୍ତତନ୍ତ୍ର କୁଗା ଓ ପୁସ୍ତକ ପ୍ରଦର୍ଶନୀ । ଏହି ଅବସରରେ କଟକ, ଢେଙ୍କାନାଳ ଓ ପୁରୀ ଐତିହ୍ୟ ପଦଯାତ୍ରାର କର୍ମକର୍ତାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ମଧ୍ୟାହ୍ନ ଭୋଜନ ପରେ ଉତ୍ସବର ସମାପନ ହୋଇଥିଲା ।

ଶିକ୍ଷିତ ପରିବାରରେ ଅଶିକ୍ଷିତ ଘଟଣା

ଝିଅ ଜନ୍ମକୁ ନେଇ ଅଧିକ ଯୌତୁକ ଦାବି, ନିଷ୍ଠୁକ ମାଡ଼ ମାରି ତଡ଼ିଦେଲେ ବୋହୂ ସହ କୁନି ଝିଅକୁ

ଲାଙ୍ଗଲେଶ୍ୱର, ୦୩/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ସିଂଲା ଥାନା ସାର୍ଥୀ ପଂଚାୟତର ବାଂଶ୍ରୀ ଚକ ସାର୍ଥୀ ଗ୍ରାମରେ ଅଭାବନିୟ ଘଟଣା । ଏକ ଶିକ୍ଷିତ ପରିବାର ରେ ଅଶିକ୍ଷିତ ଘଟଣାକୁ ନେଇ ସମସ୍ତ ଅଂଚଳରେ ଚର୍ଚ୍ଚା । ଚକସାର୍ଥୀ ଗ୍ରାମର ଜଗନ୍ନାଥ ଜଣ ନିଜର ପୁତ୍ର ପ୍ରତିଶ ଜୟନ୍ତ ଜଗଲୁ ବାଲିଆପାଳ ଥାନା ଦେଭୋଗ ପଂଚାୟତ ଅନ୍ତର୍ଗତ ଗେଣ୍ଡୁଜିଆ ଗ୍ରାମର ସ୍ୱର୍ଗତ ଅଜୟ କୁମାର ପାତ୍ର ତଥା ବିଧବା ପତ୍ନୀ ଗୀତାଞ୍ଜଳୀ ପାତ୍ରଙ୍କ ଝିଅ ଭାରତୀ ପାତ୍ର ସହିତ ବୈଦିକ ରୀତି ନୀତି ଅନୁସାରେ ୨୦୨୨ ମସିହାରେ ବିବାହ କରାଇଥିଲେ । ତେବେ ଗୀତାଞ୍ଜଳିଙ୍କ ପୁତ୍ର ଜିୟା ସ୍ୱାମୀ ନଥିବାରୁ ବିବାହ ସମୟରେ ମାଗା ମାଗି କରି ସକ୍ଷମ ଅନୁସାରେ ଯୌତୁକ ସାମଗ୍ରୀ ଦେଇଥିଲେ । ବାହାଘରର ତିନି ଚାରି ମାସ ପର ଠାରୁ ଶ୍ୱଶୁର, ଶାଶୁ, ସ୍ୱାମୀ ମିଶି ବୋହୂ ଉପରେ ଅଧିକ ଯୌତୁକ ପାଇଁ ଦାବି କରି ଆକ୍ରମଣ ଆରମ୍ଭ କରିଥିଲେ । ଏପରିକି ଗରମ ଖୁଣ୍ଟୁଣୀ ରେ ଶାଶୁ ତେଙ୍କ ଦେବା ଶ୍ୱଶୁର ବାପ ଘରେ ଥିବା ଜମି ତାଙ୍କ ନାମରେ କରିବାକୁ କହି ମାଡ଼ ମାରିବା, ସ୍ୱାମୀ ସୁନାର ବଳା ଆଣିବାକୁ କହିଆସୁଥିଲେ । ଏହାକୁ ଖତିର ନ କରି ଶାଶୁ ଘରେ ବୋହୂ ନିଜର ମାନବିକତା ଦେଖାଇ ପତି ରହିଥିଲା । ତେବେ ସେ ଗର୍ଭବତୀ

ହେବା ପରେ ମଧ୍ୟ ନିର୍ଯ୍ୟାତନାର ଅତିଷ୍ଠ ହୋଇ ବାପ ଘରକୁ ଆସିବା ପରେ ବାଲେଶ୍ୱରର ଏକ ଘରୋଇ ନର୍ସିଙ୍ଗ ହୋମ ରେ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଝିଅ ଜନ୍ମ ହୋଇଥିବା ଦେଖି ଶାଶୁଘର ଲୋକଙ୍କର ରାଗ ଆହୁରି ବଢିଥିଲା । ମେଡିକାଲରେ ପ୍ରସୂତି ଖର୍ଚ୍ଚ ନ ଦେଇ ସ୍ୱାମୀ ଘରକୁ ପଳାଇ ଥିଲେ । ତେବେ ମେଡିକାଲରୁ ଆସିବାର ଦେଢ଼ ବର୍ଷ ପରେ ବାପ ଘରୁ ବୋହୂକୁ ନେଇଯାଇ ବୋହୂ ଉପରେ ଆରମ୍ଭ କରିଥିଲେ ବରଙ୍ଗସିରି । କୁନି ଝିଅର ନାଳନ ପାଳନ ସହ ବୋହୂର ରହିବା ବାବଦରୁ ଏକ ସୁନାର ଚଡା ଏବଂ ବାପ ଘର ଥିବା ଚାଷ ଜମିକୁ ତାଙ୍କ ନାମରେ ପଞ୍ଜିକୃତ କରିବାକୁ ବୋହୂ ଉପରେ ଦାରୁଣ ବର୍ଷାଥିଲେ ଶ୍ୱଶୁର । ଖାଇବାକୁ ନ ଦେଇ କୁନି ଝିଅ ସହ ବୋହୂକୁ ମାଡ଼ିଦେବାକୁ ବିଛିନ୍ନ ଷଡଯନ୍ତ୍ର କରିବା ଦେଖି ବିଚରା ବୋହୂ ବିଧବା ମା ସହାୟତା ରେ ଥାନା ରେ ଆଶ୍ରୟ ନେଇ ଅଭିଯୋଗ ହୋଇଛି । ଏହାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ସ୍ୱାମୀ ପ୍ରତିଶ ଜୟନ୍ତଙ୍କୁ ଥାନାକୁ ଆଣି ପରେ ଛାଡି ଦେଇଥିବା ବେଳେ ବୋହୂ ନ୍ୟାୟ ପାଇଁ ଏସପି ବାଲେଶ୍ୱରଙ୍କ ନିକଟରେ ନିବେଦନ କରିଛନ୍ତି । ତେବେ ଶଶୁର ଜଣେ ସ୍କୁଲ ଶିକ୍ଷକ ଓ ଶାଶୁ ଜଣେ ଅଙ୍ଗନୱାଡି କର୍ମୀ ହୋଇଥିବା ସତ୍ତ୍ୱେ ଝିଅ ଓ ପୁଅ ଭିତରେ ଅନ୍ତର ପାନ୍ତର, ଯୌତୁକ ଯନ୍ତ୍ରଣାଦେବା ଘଟଣାଟି ସର୍ବ ସାଧାରଣରେ ନିନ୍ଦା କରାଯାଇଛି ।

ସମାଜସେବୀ ଶ୍ରୀଧର ଜେନାଙ୍କ ଦେହାନ୍ତ

ନୀଳଗିରି, ୦୩/୦୨ (ଆ.ପ୍ର) : ବାଙ୍ଗିବଣିଆ ପଂଚାୟତ କାଜିପଦା ତଥା ସିପିଆଇନେତା ଶ୍ରୀଧର ୨ତାରିଖ ସୋମବାର ୫୪ବର୍ଷ ବୟସରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି । ଖବରପାଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲାସମ୍ପାଦକ ଭାଗବତ ପ୍ରତିହାରୀ, ରାଜ୍ୟକାର୍ଯ୍ୟକାରୀ କମିଟି ସଦସ୍ୟ ତଥା ବାଙ୍ଗିବଣିଆ ସରପଂଚ ନିରଞ୍ଜନ ବାରିକ, ବରିଷ୍ଠ କମ୍ୟୁନିଷ୍ଟନେତା ଜୈନାସ ଚନ୍ଦ୍ର ପଣ୍ଡା, ଜୋନସମ୍ପାଦକ ବିଜୟ ସ, ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ବେରେନ୍ଦ୍ର ବେହେରା, ନାଗାମେନ୍ଦ୍ରୀ ଗାୟତ୍ରୀ ପଣ୍ଡା, ନିରଞ୍ଜନ ଜେନା, ବିଦ୍ୟାଧର ବେହେରା, ବାପକ ନାୟକ, ନୀଳମାଧବ ବାରିକ ପ୍ରମୁଖ ପାର୍ଟିକର୍ମୀଶରୀର ନିଙ୍କଟରେ ସମ୍ପର୍ଣ୍ଣ ଶ୍ରେଷ୍ଠଦର୍ଶନ କରିବାସହିତ ଶରୀର ଉପରେ ଲାଲଝଣ୍ଡା ସମର୍ପଣ କରିଥିଲେ । ତାଙ୍କ ମରଶରୀର ନିକଟରେ ପତ୍ନୀ, ପୁଅ, ଆତ୍ମୀୟସ୍ୱଜନ ସହିତ ବନ୍ଧୁବାନ୍ଧବ ଉପସ୍ଥିତ ରହିଥିବା ବେଳେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଅନ୍ତେଷ୍ଟି ସମ୍ପନ୍ନ କରାଯାଇଥିଲା ।ଭାରତୀୟ ନୌସେନାରେ କାର୍ଯ୍ୟରତ ପୁଅ ରଞ୍ଜିତ ଜେନା ମୁଖାଗ୍ନି ଦେଇଥିଲେ ।

ପ୍ରଧାନଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା

ସିମୁଳିଆ, ୦୩/୦୨ (ଆ.ପ୍ର) : ବରିଷ୍ଠ ସରକାରୀ ଜଜ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଦାଧର ସିଂଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଶିକ୍ଷକ ସମନ୍ୱୟ ସଭାପତି ଜଗତବୁ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଇଓ ସୁଧାଂଶୁ ଶେଖର ଜେନା ଯୋଗଦେଇ ଜଗନ୍ନାଥ ଦେଇ ଦୀପ ପ୍ରଜ୍ୱଳନ କରି ସଭାକୁ ଉଦଘାଟନ କରିଥିଲେ । ଶିକ୍ଷୟିତ୍ରୀ ଦିଶ୍ରାରାଣୀ ଶିଅନ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ମାନସ୍ୱନୀ ରାୟ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ଼. ରବିନ୍ଦ୍ର କୁମାର ବିଶ୍ୱାଳ, ବିଆରସିସି ଅଜୟ କୁମାର ପଣ୍ଡା, ସରପଂଚ ଧରଣୀଧର ନାୟକ, ସମିତି ସଭ୍ୟ ଗଜେନ୍ଦ୍ର ପ୍ରସାଦ ସେଠି, ସିଆରସିସି ରବିନ୍ଦ୍ର ପ୍ରସାଦ ବେହେରା, ପୂର୍ବତନ ସରପଂଚ ସରୋଜିନୀ ମହାପାତ୍ର, ସାଇ ଦୁଃଖୀ ଶଙ୍କାନି ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରାକାର ଜେନା, ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ଶରତ ଚନ୍ଦ୍ର ନାୟକ, ପୂର୍ବତନ ସିଆରସିସି ମନୋରଞ୍ଜନ ବେହେରା, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପରିଡାରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ରାମାକାନ୍ତ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବନ୍ଧିତା ମାନଙ୍କ କୃତୁଦିନୀ ଗରୋଜିନୀ ପାତ୍ର ଭାରତେ କଳା ପରିବେଶଣ କରିଥିଲେ ।

ଦେଶୀ ମଦ ଓ ବିଅର ଜବତ, ୦୩ ଗିରଫ

ସିମୁଳିଆ, ୦୩/୦୨ (ଆ.ପ୍ର) : ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ୍ତକୁମାର ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ବରା, ପ୍ରତାପପୁର ଓ କୁଜୁରା ଗ୍ରାମ ଅଂଚଳରେ ଚଢ଼ାଉ କରାଯାଇ ୭୫ ଲିଟର ବେଶୀ ରନ୍ଧା ମଦ ଓ ୯.୧୦୦ ଲିଟର ବିଅର ଜବତ କରିବା ସହିତ ପ୍ରତାପପୁର ଗ୍ରାମର ଗଜେନ୍ଦ୍ର ବାରିକ, ବରା ଗ୍ରାମର ମୟୁଧବ ଦାସ ଓ କୁଜୁରା ଗ୍ରାମର କମିଶ୍ନା ଜେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ବେଶୀ ରନ୍ଧା ମଦ ଓ ବିଅରର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସବ ଇନ୍‌ସ୍ପେକ୍ଟର ବିପିନୀ ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୩ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି ।

ଭାରତୀୟ ଜୀବନ ବିଜ୍ଞାନ ଓ ଅନୁସନ୍ଧାନ ପ୍ରତିଷ୍ଠାନ ପକ୍ଷରୁ ସମାଜସେବୀ ଅଜୟ କୁମାର ଜେନାଙ୍କ ସ୍ମୃତିଚାରଣ ସଭା

ଲୋଗରାଇ, ୦୩/୦୨ (ଆ.ପ୍ର) : ଲୋଗରାଇ ବ୍ଲକ ସୁଲତାନପୁର ପଂଚାୟତ ଅନ୍ତର୍ଗତ ସେହି ଗ୍ରାମର ସମାଜସେବୀ ଅଜୟ କୁମାର ଜେନାଙ୍କ ଏକାକୀଶ୍ରାଦ ଉପଲକ୍ଷେ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସେ ଜଣେ ନିଷ୍ଠାବାନ, ଧର୍ମପରାୟଣ, ପରୋପକାରୀ, ସ୍ନେହୀ, ଦରଦୀ ବନ୍ଧୁ ଥିଲେ । ସେ ଗରୀବ ଲୋକଙ୍କ ସେବା କରିବାରେ ସବୁଦୁ ଆଗରେ ରାହୁଥିଲେ । ସେ ଜଣେ ଦୃଷ୍ଟ ବୋର୍ଡ଼ର ଆଖ ଧାଡ଼ିର ସୁବଜ୍ଞ କର୍ମୀ ଥିଲେ । ରଷିଦପୁର କୃପାକ୍ଷେତ୍ର (ଜଗନ୍ନାଥ ମନ୍ଦିର)କୁ ଭୂମି ଦାନ କରି ତାଙ୍କର ମହତ ପରିଚୟର ପ୍ରମାଣ ଦେଇଛନ୍ତି ବୋଲି ଅବସରପ୍ରାପ୍ତ ଶିକ୍ଷକ ତଥା ବିଦଂଗତ ଅଜୟବାବୁଙ୍କ ସହପାଠୀ ପରିମଳ କୁମାର ମହାଙ୍କିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତା ଆଶିଷ ପାତ୍ର, ଗୁଳାଇବସାଣ ପଂଚାୟତ ସରପଂଚ ରାଧାକାନ୍ତ ପ୍ରଧାନ, ଭାରତୀୟ ଜୀବନ ବିଜ୍ଞାନ ଓ ଅନୁସନ୍ଧାନ ପ୍ରତିଷ୍ଠାନର ସଦସ୍ୟ ଗୋପନାରାୟଣ ଦାଶ, ମନୁଥ ଦାଶ, ସୀତାରାମ ପ୍ରଧାନ, ନଟଞ୍ଜନ ଘରାଇ, ଝାଡ଼େଶ୍ୱର ପାତ୍ର, ବୁଢ଼ତ ଘରାଇ, ଧନଞ୍ଜୟ ଦାସ, ସୁରେଶ ମହାନ୍ତି, ଅଧୀର ସେନାପତି, ଗୁଣ୍ଡାଙ୍କର ଦାସ, ଜୟକୃଷ୍ଣ ଗିରି, ଝାଡ଼େଶ୍ୱର ବାରିକ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ନିମନ୍ତ୍ରିତ ସମ୍ମାନ ବୁଦ୍ଧିଜୀବୀ ଗୋସେଇଁ ମାନଙ୍କୁ ଭାରତୀୟ ଜୀବନ ବିଜ୍ଞାନ ଓ ଅନୁସନ୍ଧାନ ପ୍ରତିଷ୍ଠାନ ପକ୍ଷରୁ ଭାରତ ଗୀତ ଓ ବସ୍ତ୍ର ଦାନ କରାଯାଇଥିଲା । ଶେଷରେ ଦିବଂଗତ ଜେନାଙ୍କ ଭଣଜା ଗିରିଶ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ । ଟ୍ରଷ୍ଟ ବୋର୍ଡ଼ର ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ ଓ ଅନ୍ୟ କର୍ମୀମାନେ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

ଜଙ୍ଗଲୀଜନ୍ତୁଙ୍କ ଦେହାବଶେଷ ଉଦ୍ଧାର, ଦୁଇ ଶିକାରୀ ଗିରଫ

ନୀଳଗିରି, ୦୩/୦୨ (ଆ.ପ୍ର) : କୁଜଡ଼ିହା ବନବିଭାଗ ଦ୍ୱାରା ବାଲୟାର ଚଢ଼ାଉ ଜାରିରହିଥିବା ବେଳେ ଅଧିକାଂଶ ସମୟରେ ଶିକାରୀ ଧରାପଡ଼ିବା ଏବଂ ଗିରଫହେବା ସାମ୍ନାକୁ ଆସିଛି । ଗତ ଜାନୁଆରୀ ୨୨ତାରିଖ ୧୭ରେ ୨୦୨୫/୨୬ଅନୁଯାୟୀ ପୁଣି ଦୁଇଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ଗୋଟିଏ ହରିଣ ଶିଙ୍ଗ, ଜଙ୍ଗଲି ତାରହାର ୪ଟିବାଣ, ଦୁଇଟି ମୋବାଇଲ ଏବଂ ଗୋଟିଏ ଜୀବନ୍ତ ପକ୍ଷୀ ଉଦ୍ଧାର କରିଥିବା ସୂଚନା ମିଳିଛି । ତେବେ ଏହି ଘଟଣାରେ ମୋଟ ୫ଜଣଙ୍କୁ ଗିରଫ କରାଯାଇଥିବାବା କୁଜଡ଼ିହା ରେଞ୍ଜଅଧିକାରୀ ସୂଚନା ଦେଇଛନ୍ତି ।

ବିଚିତ୍ରପୁରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ

ଲୋଗରାଇ, ୦୩/୦୨ (ଆ.ପ୍ର) : ସମସ୍ତ ହିନ୍ଦୁ ସମାଜ ଲୋଗରାଇ ପ୍ରଖଣ୍ଡ ପକ୍ଷରୁ ଗୁରୁରାହାଜିରା ମଣ୍ଡଳରେ ମଙ୍ଗଳବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆରଏସଏସର ଶତାବ୍ଦୀ ବର୍ଷ ପୂର୍ତ୍ତି ପାଳନ ଅବସରରେ ସମ୍ବତ୍ସରି ଏଲାନି କାର୍ଯ୍ୟକ୍ରମ ଆୟୋଜନ ହେଉଛି । ଏହି ଅବସରରେ ଲୋଗରାଇର କାଜିଲଙ୍ଗରୀ ପଂଚାୟତ ଅଧୀନ ବିଚିତ୍ରପୁର ବହୁମୁଖୀ ବାଚସ୍ୟା ଆଶ୍ରୟଗୁଡ଼ିକରେ ୫ଟି ପଂଚାୟତର ଶତାଧିକ ଲୋକଙ୍କୁ ନେଇ ଏହି କାର୍ଯ୍ୟକ୍ରମ ମହାସମାରୋହରେ ପାଳନ କରାଯାଇଥିଲା । ଏନେଇ ଆୟୋଜିତ କାର୍ଯ୍ୟକ୍ରମରୁ ସହ ସଂଯୋଜକ ଅଳିକ କୁମାର ମହାନ୍ତି ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା କାର୍ଯ୍ୟ ବାହକ ବିକାଶ କୁମାର ଦାସ ଯୋଗଦେଇ ପୂଣ୍ୟ ଭୂମି ଭାରତ ବର୍ଷର ସଂସ୍କୃତିର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ ତଥା କ୍ଷେତ୍ର ସଂସ୍କୃତ ବିଦ୍ୱାନବ ଶ୍ରୀନିବାସ ପ୍ରଧାନ ଯୋଗଦେଇ ସ୍ୱାଭିମାନ, ବନ୍ଦିବାନ ଓ ବ୍ଦ୍ଧ ସଂଜ୍ଞ ବେଶ ଲଙ୍କିର ପ୍ରତୀକ । ଏହାଛଡ଼ା ବିନୟଶୀଳତା ଓ ଷଷ୍ଠବାଦିତାର ପଟାରର ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଆମ୍ଭ ମାନଙ୍କ ମଧ୍ୟରେ ହିନ୍ଦୁ ସମାଜର ବିକାଶ ପ୍ରମୁଖ ଅନୁପମ ପଣ୍ଡା, କୃତିବାସ ମହାନ୍ତି, ସତ୍ୟ ସାମଲ, ରାଜ କୁମାର ପାତ୍ର, ବସନ୍ତ ଭୂୟାଁ, ହରେକୃଷ୍ଣ ଗିରି, ପ୍ରଦୀପ ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଗୁରୁରାହାଜିରା, ନାରାୟଣ ମହାନ୍ତି ପଠିଆ, ଶୁଭ୍ରାପୁର, କାଜିଲଙ୍ଗରୀ, ଶଙ୍କାରି ଆଦି ପଂଚାୟତର ଲୋକମାନେ ଯୋଗଦାନ କରିଥିଲେ ।

ଅବ୍ୟବସ୍ଥା ଘେରରେ ସହକାରୀ ଶ୍ରମ କାର୍ଯ୍ୟାଳୟ

ନୀଳଗିରି, ୦୩/୦୨ (ଆ.ପ୍ର) : ଅବ୍ୟବସ୍ଥା ଘେରରେ ନୀଳଗିରି ସହକାରୀ ଶ୍ରମ କାର୍ଯ୍ୟାଳୟ । ଉକ୍ତ କାର୍ଯ୍ୟାଳୟ ରେ ପିଅନ ଥାଇ ନାହାଁନ୍ତି । ସୂଚନାରୁ ଜଣାଯାଇଛି, ନୀଳଗିରି ଉପଖଣ୍ଡ ସହକାରୀ ଶ୍ରମ କାର୍ଯ୍

ସମ୍ପାଦକ
ଆରମ୍ଭ
SEITHO ARAMBHA
ବୁଧବାର, ୪ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସତ୍ କର୍ମ

ଖରାପ କାମ କରି କେହି ଭଲ ଫଳ ଆଶା କରିପାରିବେ ନାହିଁ କିମ୍ବା ଭଲ କାମ କରି କେହି ଖରାପ ଫଳ ପାଇ ପାରିବେ ନାହିଁ । ଆମେ ଯଦି ଲେମ୍ବୁ ମଞ୍ଜିଟିଏ ପୋତିବା, ସେଥିରୁ ଯେଉଁ ଗଛ ହେବ ସେଥିରେ ଆମ ଫଳିବ ନାହିଁ । ଠିକ୍ ସେହିପରି ଆମ ଚାଲୁଆଟିଏ ପୋତିଲେ ସେଥିରୁ ଲେମ୍ବୁ ଗଛ ଉଠିବ ନାହିଁ । ତେଣୁ ମଣିଷ ଯାହା ସବୁ କରେ ତାହାରି ଫଳାଫଳର ମାଳା ଧରି ଜନ୍ମ ହୋଇଥାଏ । ଏ ସଂସାରରେ ଭଲ ଓ ମନ୍ଦ ପାଇଁ ମଣିଷ ନିଜେ ହିଁ ଦାୟୀ । କାମ ଯଦି ଭଲ ହୁଏ ଜନ୍ମ ଭଲ ହୁଏ । କାମ ମନ୍ଦ ହେଲେ ଜନ୍ମ ମଧ୍ୟ ମନ୍ଦ ହୁଏ । କର୍ମ ଯଦି ମଣିଷର ଜନ୍ମର କାରଣ ହୁଏ ତେବେ ଭଗବାନ ଯେତେବେଳେ ମଣିଷ ଜନ୍ମ ଗ୍ରହଣ କରନ୍ତି ତାର କାରଣ ମଧ୍ୟ କ'ଣ କର୍ମ ? ହଁ, ମଣିଷର ଜନ୍ମ ପାଇଁ ଯେପରି ଭଲ କର୍ମ ଓ ମନ୍ଦ କର୍ମ ଦାୟୀ ଭଗବାନଙ୍କ ଅବତାର ପାଇଁ ଭଲ ଓ ମନ୍ଦ କର୍ମ ଦାୟୀ । ମାତ୍ର ଏ ଭଲୟ କର୍ମ ଫଳରେ ତିନିଏ ତଫାତ୍ ଅଛି । ମଣିଷର ଜନ୍ମ ପାଇଁ ତା' ନିଜର ଭଲ ଓ ମନ୍ଦ କର୍ମ ଦାୟୀ । ମାତ୍ର ସାଧୁ ଲୋକମାନଙ୍କର ସତ୍ ଓ ଦୁଷ୍ଟ ଲୋକମାନଙ୍କର ଦୁଷ୍କର୍ମ ଭଗବାନଙ୍କର ଅବତାର ପାଇଁ ଦାୟୀ । ଭବାହରଣ ସ୍ୱରୂପ ପ୍ରହ୍ଲାଦର ସତ୍ କର୍ମ ଓ ହିରଣ୍ୟକଶିପୁର ମନ୍ଦ କର୍ମ ଫଳରେ ନରସିଂହ ଅବତାର ଆବିର୍ଭୂତ ହୋଇଥିଲେ । ଏହି ନିୟମ ପ୍ରତ୍ୟେକ ଅବତାରଙ୍କ ଠାରେ ସତ୍ୟ । ଦବତା ଓ ରାକ୍ଷାସ ମାନଙ୍କ ମଧ୍ୟରେ ଯୁଦ୍ଧ ଲାଗିଥିବା ବେଳେ ରାକ୍ଷାସମାନେ ଭୃଗୁ ମୁନିଙ୍କର ଶରଣ ନେଲେ । ଭୃଗୁଋଷିଙ୍କ ସ୍ତ୍ରୀ ମଧ୍ୟ ରାକ୍ଷସ ମାନଙ୍କୁ ସାହାଯ୍ୟ କରିବାକୁ ବାହାରିଲେ । ଏହା ଦେଖି ନାରାୟଣ ଭୃଗୁଙ୍କ ପତ୍ନୀଙ୍କ ପାଖକୁ ଗଲେ ଓ ତାଙ୍କୁ ଏ କାର୍ଯ୍ୟ ନ କରିବାକୁ କହିଲେ । ସେ ଏଥିରେ ରାଜି ନ ହେବାରୁ ନାରାୟଣ ତାଙ୍କ ମୁଣ୍ଡ କାଟିଦେଲେ । ଏହା ଦେଖି ଭୃଗୁ ନାରାୟଣଙ୍କୁ ଅଭିଶାପ ଦେଇ କହିଲେ ନାରାୟଣ ମଧ୍ୟ ସେପରିରେ ସ୍ତ୍ରୀଙ୍କ ଦ୍ୱାରା ଜଳି ଭୋଗିବେ । ଭଗବାନ ତାହା ଗ୍ରହଣ କରି ରାମ ଅବତାର ଧାରଣ କରିଥିଲେ । ଆମର ଜୀବନ ଗୋଟିଏ ଲମ୍ବା ଯାତ୍ରା । ଏହି ଯାତ୍ରା ବେଳେ ପାଖରେ କମ ବୋଝ ଥିଲେ ଯାତ୍ରା ସୁଖକର ହୁଏ । ଜିନିଷ ବେଶି ଥିଲେ ବହୁତ ଅସୁବିଧା ହୁଏ । ଜୀବନ ଯାତ୍ରାରେ ମଧ୍ୟ ଏହି ନିୟମ ମାନିବା ଦରକାର । ମନରେ ଭଉଁଥିବା କାମନା ଗୁଡ଼ିକ ହେଉଛି ବୋଝ । କାମନା ଯୋଗୁଁ ଆମେ ବିଭିନ୍ନ ପଦାର୍ଥ ବା ବସ୍ତୁମାନଙ୍କ ସହିତ ମନେ ମନେ ବାନ୍ଧି ହୋଇପଡୁ । ଏହି ବାନ୍ଧି ହୋଇ ପଡ଼ିବା ଯୋଗୁଁ ଆମେ ଦୁଃଖ ଭୋଗୁ । ସୀତା, ସବୁ ଛାଡ଼ି, ରାମଙ୍କ ପାଖେ ପାଖେ ରହିଥିଲେ ବୋଲି, ଆନନ୍ଦରେ ଥିଲେ । ମାତ୍ର ସ୍ୱର୍ଣ୍ଣମୃଗ ଦେଖି ତାଙ୍କ ମନରେ ଲୋଭଜାତ ହେବାରୁ ସେ ଶେଷକୁ ରାମଙ୍କ ପାଖରୁ ଦୂରେଇ ଗଲେ । କାମନା ବା କାମ ଯେଉଁଠି ଥାଏ ଭଗବାନ ବା ରାମ ସେଠାରେ ରହିପାରନ୍ତି ନାହିଁ । ରାମ ଯେଉଁଠିଥାନ୍ତି, କାମ ସେଠାରେ ରହି ପାରେନାହିଁ । ଆଲୋକ ଓ ଅନ୍ଧକାର ଏକାଠି କୌଣସିଠାରେ ରହିପାରନ୍ତି ନାହିଁ । କାମନା ବାସନା ମନରୁ ଆସେ । କିନ୍ତୁ ଟିକିଏ ବିଚାର କଲେ ଦେଖିବ ମନ ବୋଲି କିଛି ଜିନିଷ ନାହିଁ । ମନ ଗୋଟିଏ ମାୟା । ଗୋଟିଏ ଭ୍ରମାଳକୁ ଦେଖ । ଏହା କେତେ ଗୁଡ଼ିଏ ସୂତାରେ ତିଆରି ଗୋଟି ଗୋଟି କରି ସୂତା ଗୁଡ଼ିକୁ କାଢ଼ି ନେଲେ ଗୁମାଳକୁ ଆଉ ଗୁମାଳ କହି ହେବନାହିଁ । ଏହା କେବଳ ଗୁଡ଼ିଏ ସୂତା । ତାକୁ ପୁଣି ଛିଣ୍ଡାଳ ପକାଇଲେ ଦେଖିବ ସେ କେତେକ ତୁଳାରେ ପରିଣତ ହୋଇଯିବ । ଠିକ୍ ସେହିପରି କେତେକ କାମନା ମିଶି ମନ ଗଠନ କରନ୍ତି । କାମନା ଗୁଡ଼ିକୁ କାଢ଼ି ନେଲେ ମନ ମଧ୍ୟ ରହିବ ନାହିଁ । ଆମେ ଯଦି କାମନାକୁ ସଂଯତ କରି ପାରିବା ତେବେ ଏ ଗାରା ସଂସାର ଆମ ହାତ ମୁଠାରେ ରହିବ । ମାତ୍ର ଆମେ ଯଦି କାମନାର ଚାକର ହୋଇଯିବା ତେବେ ଏ ସଂସାରର ଚାକର ପାଲଟିଯିବା । ମନରେ ଶୁଦ୍ଧ ଚିନ୍ତା, ଈଶ୍ୱର ଭାବନା ପୋଷଣ କଲେ ଏହି କାମନା ଗୁଡ଼ିକ ଆପେ ଆପେ ପଳାଇ ଯିବେ । ଆମୋମାନେ ଆମର ଏଇ ପବିତ୍ର ବୟସରୁ ଏହି ପ୍ରକାର ସଦଗୁଣ ଅନ୍ଧାର ଜଳେ ଜଡିତ୍ତରେ ଅନେକ ଲୋକ କଲ୍ୟାଣ କାର୍ଯ୍ୟ କରିପାରିବା ।

ସା ବିଦ୍ୟା ଯା ନିୟୁକ୍ତୟେ

॥ ଶ୍ରୀବତ୍ସ ନାୟକ ॥

ଶାସ୍ତ୍ରରେ ବର୍ଣ୍ଣିତ ଅଛି 'ତତ୍କର୍ମ ଯ ନବନ୍ଧାୟ, ସା ବିଦ୍ୟା ଯା ବିମୁକ୍ତୟେ', ଅର୍ଥାତ୍ ଯେଉଁ କର୍ମ କୌଣସି ଏକ ବ୍ୟକ୍ତିକୁ କୁ-ଅଭ୍ୟାସ ଦ୍ୱାରା ବାନ୍ଧି ରଖିନପାରେ ତାହା ହେଉଛି ଉପଯୁକ୍ତ କର୍ମ । ଠିକ୍ ସେହିପରି ସେଇ ହେଉଛି ବିଦ୍ୟା ଯାହା ଏକ ବ୍ୟକ୍ତିକୁ ମୁକ୍ତି ଦିଏ, ଜ୍ଞାନ ଦିଏ ଏବଂ ବିବେକାନୁମୋଦିତ କର୍ମ କରିବା ପାଇଁ ପ୍ରେରଣା ଯୋଗାଇଥାଏ । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଲକ୍ଷ୍ୟକରେ ଏହା ସ୍ପଷ୍ଟ ଅନୁମେୟ ଯେ ବିଦ୍ୟାର ମୂଳଲକ୍ଷ୍ୟ ହେଉଛି ଚାକିରୀ କରିବା ବା ନିଯୁକ୍ତି ସୃଷ୍ଟି କରିବା । ଏକବିଂଶ ଶତାବ୍ଦୀର ମଣିଷ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦାସ ହୋଇ ଚାକିରିରେ ନିଯୁକ୍ତି ପାଇବା ପାଇଁ ଅହରହ ପ୍ରୟାସ କରୁଛି । ପ୍ରଶାସନିକ ସେବା, ଡାକ୍ତର, ଓକିଲ, ଇଞ୍ଜିନିୟରିଂ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭଳି ବଡ଼ ବଡ଼ ପଦ ପଦବୀରେ ରହିବା ପାଇଁ ପ୍ରତିଯୋଗିତା ହେଉଛି । ଶୋଭାରାମ ବଗଡଓ ଛାତ୍ରଛାତ୍ରୀ ମାନେ ନିଜର ଲକ୍ଷ୍ୟ ସ୍ଥଳରେ ପହଂଚିଗଲେ ତାଙ୍କୁ ଆମ ସମାଜ ଜଣେ ଶ୍ରେଷ୍ଠ ବ୍ୟକ୍ତି ବୋଲି ବିବେଚନା କରେ । ଯିଏ ଚାକିରି ନପାଇଲା ତାକୁ ଅନେକ ନିନ୍ଦା ଅପବାଦ ସହିବାକୁ ପଡ଼ିଥାଏ ଫଳରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ପଛାଇ ନଥାନ୍ତି ଛାତ୍ରଛାତ୍ରୀମାନେ । ଆଧୁନିକ ଯୁଗର ମଣିଷ ପାଇଁ ବିଦ୍ୟା ବ୍ୟକ୍ତିଟିକୁ ମୁକ୍ତି ପ୍ରଦାନ ନକରି ନିୟୁକ୍ତି ପ୍ରଦାନ କରିବାରେ ସହାୟକ ହେଉଅଛି ତେଣୁ ଯଥାର୍ଥରେ କୂଳାପାଇଛି ଯେ 'ସା ବିଦ୍ୟା ଯା ନିୟୁକ୍ତୟେ' । ଦିନେ ଯେଉଁ ବିଦ୍ୟା ମନୁଷ୍ୟକୁ ମୁକ୍ତି ଦେଉଥିଲା ଆଜି ସେ ବିଦ୍ୟା ମନୁଷ୍ୟକୁ ନିୟୁକ୍ତି ଦେଉଛି । ଫଳରେ ଆମେ କହିବା ଯେ ସମାଜାନୁକ୍ରମେ ଶିକ୍ଷାର ସଂଜ୍ଞା ବଦଳିବାରେ ଲାଗିଛି । ଯଦି ଏହିଭଳି ଚାଲେ ତେବେ ଭାରତର ଗୌରବମୟ ଗାରିମା ଧ୍ୱଂସ ପାଇଯିବ ଏବଂ ଆଗାମୀ ଦିନରେ ଅଧୁନା ବିଶ୍ୱଗୁରୁ ହେବାର ସ୍ପୃହା ଅଧୁରା ରହିଯିବ ଏଥିରେ ସନ୍ଦେହ ନାହିଁ । ଦେବଭୂମି ଭାରତ ବର୍ଷର ଶିକ୍ଷା ବ୍ୟବସ୍ଥା ସର୍ବପୁରାତନ ଭାବେ ସର୍ବଜନବିଦିତ । ଅଧୁନା ବିଶ୍ୱର ଅଧିକାଂଶ ଦେଶ ଭାରତର ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରୁଛନ୍ତି । ଯାହା ନାହିଁ ଭାରତେ ତାହା ନାହିଁ ଜଗତେ ଅର୍ଥାତ୍ ବିଶ୍ୱବାସୀ ଆଜି ଯାହା ଦେଖୁଛନ୍ତି ସେଥିରେ ଭାରତର ଅବଦାନ ନିହିତ ଭାବେ ଅଛି । ଯେତେବେଳେ ପୃଥିବୀରେ ଶିକ୍ଷାର ସାର୍ବଜନୀନ ବିଶ୍ୱବିଦ୍ୟାଳୟ ସ୍ଥାପୟ ରୂପରେଖ ଅସ୍ପଷ୍ଟ ଥିଲା ସେତେବେଳେ ଭାରତର ସୁସଂଗଠିତ ଶିକ୍ଷା ବ୍ୟବସ୍ଥା ଖୁବ୍ ଉନ୍ନତାବସ୍ଥାର ଥିଲା । ତକ୍ଷଶୀଳା, ପୁଷ୍ପଗିରି, ନାଳନ୍ଦା, ରତ୍ନଗିରି, ବଲ୍ଲଭୀ, ବିକ୍ରମଶୀଳା ଭଳି ବିଶ୍ୱବିଦ୍ୟାଳୟରେ ଦେଶ ବିଦେଶରୁ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିଲେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଭାରତ ହେଉଛି ଶିକ୍ଷାର ପେଷ୍ଟଭୂମି । ପ୍ରାଚୀନ ଆର୍ଯ୍ୟ ପରମ୍ପରାରେ ବିଦ୍ୟା ଏକ ବ୍ୟକ୍ତିର ସଦରିପୁ (ଅହଙ୍କାର, ମିଥ୍ୟା, କ୍ରୋଧ, ଲୋଭ, ମୋହ ଓ କୁସଂସ୍କାର ଭଳି ଆସୁରିକ ପ୍ରକୃତି)କୁ ନାଶ କରି ମୁକ୍ତି ପ୍ରଦାନ କରିଥାଏ । ବିଦ୍ୟା ଅଧ୍ୟୟନ କରିବା ଦ୍ୱାରା ବ୍ୟକ୍ତିର ହୃଦୟରେ ଦୟା, କ୍ଷମା, ନ୍ୟାୟ, ସ୍ନେହ, ପ୍ରେମ, ଭଳି ଦୈବୀ ଗୁଣର ରସସଂଚାର ହୋଇଥାଏ ଯାହା କ୍ଷଣିକ ବନ୍ଧନରୁ ମୁକ୍ତ କରି ଚିରନ୍ତନ ସତ୍ୟକୁ ଅନୁଶୀଳନ କରାଏ ।

ଏକଦା ଶିକ୍ଷା ସମ୍ବନ୍ଧୀୟ ଏକ ସେମିନାରରେ ମୁଁ ଅଂଶ ଗ୍ରହଣ କରିଥାଏ । ରିପୋର୍ଟେ ପର୍ଯ୍ୟନ୍ତ ଭାବେ ବ୍ରିଟିଶର ଜଣେ ପ୍ରଧାପକ ତାଙ୍କ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ବକ୍ତବ୍ୟ ଦେଇ କହିଥିଲେ ଯେ ତାଙ୍କ ଦେଶରେ ଶିଶୁଟି ଶିକ୍ଷା ଲାଭ କରିବା ସମୟରେ ସେ ନିଜେ ନିଜର ଆଗ୍ରହକୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିଜେ ସ୍ଥିର କରିବାକୁ ଲାଗିଥାଏ । ବାହ୍ୟ ପ୍ରଭାବ ତଥା ଅଭିଭାବକ ମାନଙ୍କ ତରଫରୁ ଶିଶୁର ଲକ୍ଷ୍ୟନେଇ କୌଣସି ଚାପ ପ୍ରୟୋଗ କରାଯାଇନଥାଏ । ଅଧୁନା ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଠିକ୍ ଏହାର ବିପରୀତ ଅବସ୍ଥା ପରିଲକ୍ଷିତ ହେଉଛି । ଦୂର ଦିଗବଳୟରୁ ବିଚାର କରିଲେ ଦୃଶ୍ୟମାନ ହେଉଛନ୍ତି ଶିଶୁର ଭବିଷ୍ୟତ ନେଇ ଅଭିଭାବକମାନେ ନିଷ୍ପତ୍ତି ନେଇଥାନ୍ତି । ଏହି ପରିପ୍ରେକ୍ଷାରେ ଶ୍ରୀ ଠାକୁର ସତ୍ୟାନୁସରଣରେ କହିଲେ, 'ଯେଉଁ ଭାବ ବିଚ୍ଛାଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନାହିଁ, ତାହା ହିଁ ବିଶ୍ୱାସ । ବିଶ୍ୱାସ ଯେଉଁ ଆଲ ସିଦ୍ଧି ନାହିଁ । ଗଭୀର ବିଶ୍ୱାସ ବଳରେ ସବୁକିଛି ହୋଇପାରେ । ବିଶ୍ୱାସ କର, ସାବଧାନ ! ଅହଙ୍କାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ, ତାହା ଚାହିଁ ତାହା ହିଁ ହେବ । କର୍ମ ବିଶ୍ୱାସକୁ ଅନୁସରଣ କରେ । ଯେପରି ବିଶ୍ୱାସ, କର୍ମ ମଧ୍ୟ ସେହିପରି ହୁଏ ।' ଜୀବନ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣରେ କହିଲେ, 'ଜୀବନକୁ ଯେପରି ଭାବରେ ବଳି ଦେବ, ନିଶ୍ଚୟ ସେହିପରି ଜୀବନ ଲାଭ କରିବ ।' ଜୀବନରେ ପ୍ରୀତି ସମ୍ବନ୍ଧରେ, ଶ୍ରୀ ଶ୍ରୀ ଠାକୁର ଆହୁରି କହିଲେ, 'ନିଶ୍ଚୟ ଜାଣ, ଜରିବା ହିଁ ପାଇବାର ଜନନୀ । କର୍ମ ଯେତେବେଳେ ବାରମ୍ବାର ସତ ଚେଷ୍ଟା କରୁଥାଏ ତ ଆଉ ଯେତେବେଳେ ନିଜ ସ୍ୱତ୍ୱକୁ ଜାଳି ସେହି ଶତ୍ରୁ ମାନଙ୍କ ଜବତରୁ ମୁକୁଳିବା ପାଇଁ ଅନେକ ଚେଷ୍ଟା କରୁଥାଏ ।

ବେଳେବେଳେ ସେ ସେହିମାନଙ୍କ ପାଇଁ ନିଜ ଭାବ୍ୟକୁ ନିହି କର୍ମ ଉପରେ ଧିକାର ଦେଉଥାଏ କିନ୍ତୁ କର୍ମ କେବେ ଧୋକା ଦିଏନା କି ନିଜ ବୁଦ୍ଧି ବିବେକ ଆଗରେ ମଣିଷ କେବେ ହାର୍ ମାନେନା ବାସ୍ ଆତ୍ମାକୁ ଶାନ୍ତି ମନକୁ ସ୍ଥିର କରିବାର ସ୍ଥିତି ହିଁ ମଣିଷକୁ ତା ପଥ ବାଛିବାକୁ ସମୟ ନେଇଯାଏ । କିନ୍ତୁ ମଣିଷ ସେତେବେଳେ ବିଜୟ ଲାଭ କରେ ଯେତେବେଳେ ସେ ସେହି ଶତ୍ରୁକ ଆଗରେ ନିଜ ବିଜୟ ଧ୍ୱଜା ଉଡାଉଥାଏ । ଅବଶ୍ୟ କେହି କେହି ପରିଦାସ କରିବେ କିନ୍ତୁ ପରିହାସକୁ ଖାତିର ନ କରି ଆଗକୁ ବଢିବାକୁ ହେବ ସେହିମାନଙ୍କୁ ସେଠିକି ସାବଧ କରି ନିଜ ଲକ୍ଷ୍ୟ ବାଛିବାକୁ ହେବ ଆଉ ଯେତେ ଅଡିଚୁ ଇଡି ହେବ ସେତେବେଳେ ନିଜକୁ, ନିଜେ ନିଜର ଅଭୟ ଦାୟିନୀ ଦେବୀ ଦୁର୍ଗା ହୋଇ ସବୁ ସମସ୍ୟାର ସମାଧାନ କରିବାକୁ ହେବ । ଯୁଗେ ଯୁଗେ ଏହା ହିଁ ସତ୍ୟ ଧର୍ମର ଜୟ ଅଧର୍ମର ବିନାଶ ହୋଇଥାଏ । ସେଥିପାଇଁ ମଣିଷ କେବେବି ଧର୍ମହରା ହେବା କଥା ନୁହେଁ । କିନ୍ତୁ ମଣିଷ ଧର୍ମହରା । ଆଜ ଏହି ଧର୍ମହରା ବୁଦ୍ଧି ପାଇଁ ସେ ଅନେକ ସମୟରେ ଅନେକ ଭୁଲ ନିଷ୍ପତ୍ତି ନେଇଥାଏ । କିନ୍ତୁ ଏ ଭୁଲ ନିଷ୍ପତ୍ତି ଏମାନେ ନିଅନ୍ତି ବୋଲି ପ୍ରତ୍ୟେକ ଜାଗାରେ ଶତ୍ରୁ ଲାଗି ରୂପଧି । ଆମେ ବେଳେବେଳେ କହୁ ଏ ସ୍ଥାନ ଆମ ପାଇଁ ଉଚିତ ସ୍ଥାନ ନୁହେଁ କିନ୍ତୁ କାହିଁକି ଉଚିତ ସ୍ଥାନକୁ ଧୁଳିଆ ଜାଦା ରୂପୀ ମଣିଷ ନଷ୍ଟ କରନ୍ତି । ଆଉ ଏହି ଧୁଳିଆ ଜାଦା ସଂଖ୍ୟା ସେବେ କମିବ ମଣିଷ ଯେବେ ଲକ୍ଷ୍ୟ ରେଖା ଟାକୁ ଜଳାଇବ ହୁଏତ ସେମାନେ ବୁଝିବେ ହୁବଯାର ଆଘାତ କେତେ ଯନ୍ତ୍ରଣା ଦାୟକ । ଆଜ ଯଦି ତମେ କିଛି ଶିକ୍ଷା ଦେବନି ତେବେ ଅନେକ ଲୋକଙ୍କୁ ଏମିତି ଧୁଳିଆ ଜାଦା ରୂପକ ମଣିଷ କାମୁଡ଼ିବାକୁ ଗୋଡ଼ାଇବେ ।

ମୋ-୯୯୦୭୬୧୫୮୬

ଅନ୍ଧାରୁଆ, ଭୁବନେଶ୍ୱର

ଲିପି ଲେଖନୀର ସଂସ୍କାର

॥ ଅଜୟ କୁମାର ବେହେରା ॥

ବେକଳୁ ବେନ ସବୁ ସ୍ତରରେ ସଂସ୍କାର ହୋଇ ଚାଲିଛି । ଏ ମଧ୍ୟରେ ମାନଳର ଲେଖନୀରେ ବ୍ୟକ୍ତ ଭାଷା ଲିଖନର ସ୍ତର ବି ସଂସ୍କାର ହେଉଛି । ପଥର ଖଡ଼ିରେ ମାଟିରେ ବୁଦ୍ଧା-ବିଷ୍ଣୁ-ମହେଶ୍ୱର ଶ୍ରୀ ମୁଣ୍ଡାଳୀରୁ ଶ୍ରୀ ଶୁଭମନ୍ତୁ ଲେଖା ଆରମ୍ଭରୁ ଶିଶୁକୁ ବିଦ୍ୟାରମ୍ଭ ବୁଦୀ କରାଯାଉଥିଲା । ଶିଶୁ ଛୋଟ ଛୋଟ ଅକ୍ଷର ଲେଖି ପାରିବ ନାହିଁ କି କୌଣସି ବଣ୍ଡାଟଙ୍କା ଲେଖା ଲେଖିବା ସହଜ ନଥିବାରୁ ମୁଣ୍ଡୁଳାର ଗୋଲ ବାରମ୍ବାର ବୁଲାଇ ହାତ ଠିକ ବ୍ୟବସ୍ଥା କରାଯାଏ । ଏହାପରେ ଲୁହା ଲିଖନରେ ତାଳପତ୍ରରେ ଭାଷା ଲେଖା ଶିକ୍ଷା ଦିଆଯାଏ । ଲେଖା ଅଆଧଧ, କବବହ ପଫଷଷ ଘ, ଛଛଜଝଞ୍ଚଛ ଏଏଓଓଖଖଗଗ ମଘଢ଼ଢ଼ଢ଼ ଜଜଝ ଏପରି ଅକ୍ଷର ମଡ଼ା ଶିକ୍ଷା ଦିଆଯାଇଥିଲା । ତାଳପତ୍ରରେ ଲୁହା ଲେଖନୀରେ ଲେଖିଲେ ତାଳପତ୍ର କିପରି ଫଟି ନଯାଏ ଏପାଇଁ ଲମ୍ବା ରେଖାକୁ ଅନ୍ୟ ଲେଖା ସହିତ ଛିଡ଼ି ରଖାଯାଏ । ସତରପଙ୍କା ମୁଣ୍ଡାକ୍ଷର ଆସ୍ତେ ଶିକ୍ଷା ଦିଆଯାଉଥିଲା । ଲେଖିବା ଛଳାଇଣ କରିବା, ଏକ ସଙ୍ଗରେ ଶିକ୍ଷା ଦିଆଯାଏ । ହ୍ରସ୍ୱବାର୍ଣ୍ଣ ସ୍ୱର ଏପରି ଅକ୍ଷର ସଂଯୁକ୍ତ ରହୁଥିଲା । ଏସବୁ ଲେଖିବା ସହଜ ପାଇଁ ପର କଳମ ପକ୍ଷୀଙ୍କ ପରର ମୂଳଘଟ ଲିପି ଲିଖନ ପାଇଁ ଗଣ୍ଡୁମୂଳ ଜଳି ଲେଖାଯାଉଥିଲା । ପରେ ପରେ ଧାତବ ଲିପି ପିଚକ ଓ ଷ୍ଟିଲ ପାତ ତପାଯାଇ ହେଣ୍ଡେଲ କଳମରେ ଖାଲି କାଳୀ ଦୁଆଟ ସଂଯୋଗରେ ଲେଖା ପଲା । କାଳୀ ପ୍ରଥମେ ହରିଡ଼ାକଷ ପତ୍ରରସ କଳାରଙ୍ଗ କରାଗଲା । ତାପରେ ସ୍ୟାହି ପାତ୍ରର ବିଚାରି ଆସିଲା ତାପରେ ଗୋଲାକାଳୀ (ସୁଲେଖା) ଆସିଲା । ଫାଉଣ୍ଟେନ ପେନ ଆସିଲା ପ୍ଲାଷ୍ଟିକର ଶସ୍ତା କଳମରୁ ଷ୍ଟିଲକଳମ ଓ ମହଙ୍গା ଅଟିମହଙ୍গା ଫାଉଣ୍ଟେନପେନ ଆସିଲା । ଏଥିରେ କିଛି ଦିନ ଚାଲିବା ପରେ କିଛି ଅସୁବିଧା ଦେଖା ଦେବାରୁ ଡଟ ପେନ ଯୁଗ ଆସିଲା ଏହାପରେ ଏ ସମୟ ପର୍ଯ୍ୟନ୍ତ ଅନେକ ପ୍ରକାର ଡଟ ପେନରେ ଚାଲିଛି ।

ତାପର ରାଇଟର ଲେଖା, ଛପା ଲେଖାର ଶିକ୍ଷା ଅକ୍ଷରମାନ ଖଞ୍ଜାଯାଇ ଛପା ଏକ ସଙ୍ଗରେ ବହୁ ଛପା ଯାଇ ବହି ପୁସ୍ତକ ହେଲା ଏହା ଏବେ ଅତି ଆଧୁନିକ ପଦ୍ଧତିରେ ଅକ୍ଷର ଖଞ୍ଜା ନଯାଇ କମ୍ପ୍ୟୁଟରିକରଣରେ ଟାଇପ କରି ପୁସ୍ତକ କରାଯାଇ ଛପାଯିବା ବ୍ୟବସ୍ଥା ହୋଇଛି । ମୋବାଇଲ ଫୋନରେ ଶୀଘ୍ର ଲେଖି ପଠାଇ ଛପାଇ ହେଉଛି । ଏହା ଭିତରେ ମୋର୍ସକୋଡ଼ିରେ ପଠାଯିବା ଟେଲିଗ୍ରାମ ପଦ୍ଧତି ବନ୍ଦ କରିଦିଆଯାଇଛି । ପୋଷ୍ଟକାର୍ଡ଼ ଆଦି ଅବରକାରୀ କରିଦିଆଯାଇଛି । ଏସବୁ ମୋବାଇଲ ଫୋନରେ ହୋଇ ପାରୁଛି । ଭାବକୁ ଭାଷାରେ ବ୍ୟକ୍ତ କରିବା ସଂଯୋଗ ଦିନୁ ଏ ଲିପିଲିଖନ ସମ୍ବନ୍ଧ ରହିଛି । ସୁଖ ଓ ଦୁଃଖ ଏବେ ମୁହୂର୍ତ୍ତ ଖବରରେ ଲୋକଙ୍କ ପାଖରେ ପହଂଚି ପାରୁଛି । ମାତ୍ର ବହୁ ସମୟ ମାନସିକ ସ୍ଥିରତା ରଖା ଦେଇନାହିଁ । ଭାଷା ଏପରି ପ୍ରୟୋଗ କେତେ ସମୟର ମଧ୍ୟରେ ପୃଥିବୀର ଯେ କୌଣସି ଯୋଗକୁ ଯାଇପାରିଲାଣି । ସମୟ ଆସିବ କଥାର ଭାଷା ଲେଖାରେ ଛପାଯିବା ଏ ଭାଷା ଅନ୍ୟ ଭାଷାରେ ପରିବର୍ତ୍ତନ ହୋଇ ଶୀଘ୍ର ଅନ୍ୟର ଭାଳକୁ ବୁଝି ହେବ । ଏହା ଆଉ ଦୂର ନାହିଁ ।

ଅନୁଶୋଧ ମାର୍କେଟ, କଟକ,
ମୋ- ୯୪୩୭୦୩୧୨୫୩

ସତ୍‌ସଙ୍ଗର ଆହ୍ୱାନ - ସତ୍ୟାନୁସରଣରେ ଜୀବନ

॥ ଜ୍ୟୋତ୍ସ୍ନାମୟୀ ସାହୁ ॥

ସତ୍ୟାନୁସରଣର ରଚୟିତା ସୁପୁରୁଷୋତ୍ତମ କଳକଳୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ତାଙ୍କ ଜୀବନକାଳରେ ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଗତି । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗନ୍ତବ୍ୟ ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ସ୍ୱକୀୟ ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗୀର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଗନ୍ତାମୂଳ ଓ କେନ୍ଦ୍ରାୟିତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନୀୟମ ସମ୍ବଳିତ ଏ

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୪ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସିନାପାଲି–ଖଡ଼ିଆଳ ରାସ୍ତା କାମକୁ ନେଇ ଅସନ୍ତୋଷ

ସିନାପାଲି, ୦୩/୦୨ (ଆ.ପ୍ର) : ସିନାପାଲିରୁ ଖଡ଼ିଆଳ ପର୍ଯ୍ୟନ୍ତ ଚାଲୁଥିବା ରାସ୍ତା ନିର୍ମାଣ କାମକୁ ନେଇ ସ୍ଥାନୀୟ ଲୋକମାନଙ୍କ ଅସନ୍ତୋଷ ଦିନକୁ ଦିନ ବଢୁଛି । ଉନ୍ନତି ନାମରେ ଆରମ୍ଭ ହୋଇଥିବା ଏହି କାମ ଏବେ ସାଧାରଣ ଜନଜୀବନ ପାଇଁ ଦୁର୍ଭୋଗର କାରଣ ହୋଇଯାଇଛି ବୋଲି ଅଭିଯୋଗ ହେଉଛି । ରାସ୍ତା ଖୋଳାଯାଇଥିବାରୁ ଛୋଟ–ବଡ଼ ଦୁର୍ଘଟଣା ଘଟୁଛି । କିଛି ଦିନ ପୂର୍ବରୁ ଧାଳ କୋଣରେ ଏକ ଟ୍ରକ ଓଲଟି ପଡ଼ିଥିବା ଘଟଣା ଏହାର ସ୍ପଷ୍ଟ ଉଦାହରଣ । ଖୋଳାଯାଇଥିବା ରାସ୍ତାରେ ସମୟରେ ମେଟାଲ ପୋତାଯାଇନଥିବା ଓ ପାଣି ଛିଞ୍ଚା ନହେବାରୁ ଧୂଳିର ଭୟଙ୍କର ସମସ୍ୟା ସୃଷ୍ଟି ହୋଇଛି । ସିନାପାଲିରୁ ଖଡ଼ିଆଳ ପର୍ଯ୍ୟନ୍ତ ଯାତ୍ରୀମାନେ ଧୂଳିରେ ଆବୃତ ହୋଇ ଯାତାୟାତ କରୁଥିବାବେଳେ ଏହା ସ୍ୱାସ୍ଥ୍ୟ ଝୁମ୍ପକୁ ବଢ଼ାଇ ଦେଇଛି । ରାସ୍ତା କାମରେ ନିୟୋଜିତ ମେଟାଲ, ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ବୋଝେଇ ଟ୍ରକ ଓ ଟ୍ରାକ୍ଟରମାନଙ୍କର ବେପରୁଆ ଚଳାଚଳ ଦୁର୍ଘଟଣା ଆଶଙ୍କାକୁ ଆହୁରି ବଢ଼ାଇଛି । କେତେକ ସ୍ଥାନରେ ରାସ୍ତା ଉପରେ ମେଟାଲ ଛଡ଼ି ପଡ଼ି ଯାନଚାଳକଙ୍କୁ ବାଧା ଦେଉଛି । ସ୍ଥାନୀୟ ବାସିନ୍ଦାମାନେ ରାସ୍ତା ନିର୍ମାଣ କାର୍ଯ୍ୟର ଗୁଣବତ୍ତା ନେଇ ମଧ୍ୟ ଚିନ୍ତା ପ୍ରକାଶ କରୁଛନ୍ତି । ନିମ୍ନମାନର କାମ ହେଲେ ରାସ୍ତା ଶୀଘ୍ର ଖରାପ ହେବାର ଆଶଙ୍କା ରହିଛି । ସେଥିପାଇଁ ପ୍ରଶାସନ କଡ଼ା ନଜର ରଖିବା ଦାବୀ ହେଉଛି । ଗଣ୍ଡାବାହାଳି, ବୁଆଞ୍ଚର ଓ ବରଗାଁ ଆଦି ଗ୍ରାମ ଅଂଚଳରେ ରାସ୍ତା କଡ଼ରେ ହୋଇଥିବା ଜବରଦଖଲ ଉଚ୍ଛେଦ ନହେବାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ସେହିପରି ଗଣ୍ଡାବାହାଳି ଓ ବୁଆଞ୍ଚରଗ ଅଣଓସାରିଆ ପୋଲକୁ ଓସାରିଆ କରିବାକୁ ଲୋକମାନେ ଦାବୀ କରୁଛନ୍ତି । ସାରକଥା, ରାସ୍ତା ନିର୍ମାଣ ଚାଲିଥିବା ସତ୍ତ୍ୱେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଯାତାୟାତ ବ୍ୟବସ୍ଥା ପ୍ରତି ଅବହେଳା ଗଭୀର ଚିନ୍ତାର କାରଣ ହୋଇଛି । ଲୋକମାନଙ୍କ ପ୍ରଶ୍ନ – ରାସ୍ତା କାମ କେବେ ସରିବ ? ଏବଂ ଲୋକଙ୍କ ସୁରକ୍ଷା ପ୍ରତି ପ୍ରଶାସନ କେବେ ଗୁରୁତ୍ୱ ଦେବ ?

ଭୋଳା ମହେଶ୍ୱର ମନ୍ଦିରର ତୃତୀୟ ପ୍ରତିଷ୍ଠା ଉତ୍ସବ

ଭଦ୍ରକ, ୦୩/୦୨ (ଆ.ପ୍ର) : ଭଦ୍ରକ ବାଇପାସସ୍ଥିତ କାନ୍ତକବି ନଗରଠାରେ ଥିବା ବାବା ଭୋଳା ମହେଶ୍ୱର ମନ୍ଦିରର ତୃତୀୟ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାବା ଭୋଳେଶ୍ୱର ଙ୍କର ପୂଜା ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଶରତ ଚନ୍ଦ୍ର ପତି ଓ ସୁଷମା ପତି ଜର୍ଡୀ ଭାବେ ସଂକଳ୍ପ କରିଥିଲେ । ଶିକ୍ଷାବିତ୍ ଭାଗୀରଥ ନାୟକ, ପ୍ରାଧ୍ୟାପକ ଜିଶୋର ଚନ୍ଦ୍ର ରାୟ, ପ୍ରାଧ୍ୟାପିକା ମାଧବୀଲତା ରାୟ, ପ୍ରଧାନଶିକ୍ଷୟିତ୍ରୀ ଡ଼.ଜାନକୀ ପାତ୍ରୀ, ଶରତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ଦାଶ, ସାମାଜିକ କର୍ମୀ ପ୍ରଦୀପ କୁମାର ବନ, ଭାସ୍କର ଚନ୍ଦ୍ର ବେହେରା, ସୁଜାତ କୁମାର ଦାଶ, ଅମିୟ ନାୟକ, ପ୍ରଦୀପ ମହାପାତ୍ର, ଶାନ୍ତନୁ ପଣ୍ଡା, ନିରଞ୍ଜନ ସେନାପତି, ଅକ୍ଷୟ ମଳିକ, ଓମ୍ ପ୍ରକାଶ ନାୟକ, ଭମାଳାଲ ଜେନା, ପ୍ରବୋଧ ମହାପାତ୍ର, ବିଦ୍ୟାଧର ଜେନା, ପଦ୍ମନାଭ ସେନାପତି, କବୁଣ୍ଡା କର ସାମନ୍ତ, ବିଦ୍ୟାଧର ଓଝା, କବୟିତ୍ରୀ ମମତା ବଳ ପ୍ରମୁଖ ଉପସ୍ଥିତ ଥିଲେ ।

ପାରାଦୀପ ବନ୍ଦର ସ୍ୱଚ୍ଛତା ପଖୱାଡା ପୁରସ୍କାରରେ ପ୍ରଥମ

ପାରାଦୀପ, ୦୩/୦୨ (ଆ.ପ୍ର) : ସ୍ୱଚ୍ଛତା ପଖୱାଡା ପୁରସ୍କାର ୨୦୨୫ରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପ୍ରଥମ ପୁରସ୍କାର ଜିତିଛି । କେନ୍ଦ୍ରୀୟ ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ ସ୍ୱଚ୍ଛତା ପଖୱାଡା ପୁରସ୍କାର ୨୦୨୫ରେ ପାରାଦୀପ ବନ୍ଦରକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ରାଜ୍ୟମନ୍ତ୍ରୀ ଶାନ୍ତନୁ ଠାକୁର ଏବଂ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ସଚିବ ବିଜୟ କୁମାରଙ୍କ ଉପସ୍ଥିତିରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି ଏଲ୍ ହାଲଦାର ପ୍ରଥମ ପୁରସ୍କାର ସମ୍ମାନ ଗ୍ରହଣ କରିଥିଲେ । ଏହି ପୁରସ୍କାର ଏକ ସେତୁ ମା ଜେ ନାମ ଏବଂ ସମ୍ପାଲ ମିତ୍ର ସୁରକ୍ଷା ଭଳି ପଦକ୍ଷେପ ଅଧୀନରେ ସ୍ୱଚ୍ଛତା, ସ୍ଥାୟୀତ୍ୱ ଏବଂ ସାମୁଦ୍ରିକ ଅଂଶଗ୍ରହଣରେ ଉଲ୍ଲେଖନୀୟ ପ୍ରଦର୍ଶନ ଉଜ୍ଜ୍ୱଳ କରିପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଜନୁଦିନ ପାଳନ ପାଇଁ ବାଜିଲ ହଳାର ଟାକା ରୋପଣ କରାଯାଇଥିଲା, ଯାହା ସ୍ୱଚ୍ଛ ଭାରତ ଅଭିଯାନର ଦୃଷ୍ଟିକୋଣ ଅଧୀନରେ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଅଭିବୃଦ୍ଧି ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥିଲା । ଏହି ସଫଳତା ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ନେତୃତ୍ୱ, ବନ୍ଦରର ସମସ୍ତ କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ବନ୍ଦର ପରିଚାଳନା ପାଇଁ ମାନଦଣ୍ଡ ସ୍ଥାପନ କରିବାରେ ସାମୁହିକ ପ୍ରୟାସକୁ ପ୍ରତିଫଳିତ କରିଛି ।

ଭଞ୍ଜକଳା ମଣ୍ଡପରେ ପାରଳାର ନାଟକ 'ଶେଷଇଚ୍ଛା' ମଂଚସ୍ଥ

ପାରଳାଖେମୁଣ୍ଡି, ୦୩/୦୨ (ଆ.ପ୍ର) : ଓଡ଼ିଶା ସରକାରଙ୍କ କଳା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ନାଟ୍ୟ ସଙ୍ଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ନାଟ୍ୟଧାରା କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ସ୍ଥିତ ଲଳିକଳା ମଣ୍ଡପ ଠାରେ ପାରଳାଖେମୁଣ୍ଡି କଳାଳୟ ମାନଙ୍କ ନାଟକ ମଂଚସ୍ଥ । ଆଜି ଆମେ ସମସ୍ତେ ଏମିତି ଗୋଟେ ସମୟକ୍ରମ ସମାଜ ରେ ବାସ କରୁଛୁ ଯେ ସେଇଠି ସ୍ନେହ ପ୍ରେମ ମାନବିକତା ଏବଂ ସାମାଜିକ ମୂଲ୍ୟବୋଧକୁ ମଣିଷ ଭୁଲି ଯାଇଛି । ବାସ୍ତବ ଦାନ୍ଦ ଦୁନିଆର ଅନ୍ଧ ଗଳିରେ ମଣିଷ ଘୁରି ଘୁରି ଏମିତି ଅନ୍ଧ ହୋଇଯାଇଛି ଯେ ସେମାନଙ୍କ ପାଇଁ ଟଙ୍କା ଦାନାର କାୟା ମା'ଙ୍କ ଆଜୁଲ ନିବେଦନ, ଜାଳୁଡି ମିନତି ସ୍ନେହ ଶ୍ରଦ୍ଧା ସବୁଦିନେ ତୁଚ୍ଛ ଏବଂ ଅବରାଜାରୀ ବସ୍ତୁ ଭଳି ମନେହେଉଛି । ସେହିପରି ସବୁଦିନ ମାନଙ୍କ ଅବହେଳାର ଶିକାର ହୋଇ କେତେ ଯେ ଅବଜଶୀଳ ପିତା ଓ ସ୍ନେହମୟୀ ମା'ଙ୍କର ଜୀବନ ଦୀପ ପିଲାଙ୍କୁ ଖୁରି ଖୁରି ଅଳାଜରେ ଲିଭିଯାଇଛି ତାର ହିସାବ ନାହିଁ । ସେଥିପାଇଁ ଦାୟୀ କିଏ । ଆଜି ତ ସମସ୍ତେ ନିଜର ଦୁନିଆରେ ବ୍ୟସ୍ତ । ବୃଦ୍ଧ ବାପ ମା'ଙ୍କୁ ଅବରାଜାରୀ ବସ୍ତୁ ଭଳି ଭାବି ଘର କୋଣ ରେ ଫିଙ୍ଗି ଦେଇ ଚାଲି ଯାଆନ୍ତି । ଯେଉଁ ଯେ ଦଶ ମାସ ଦଶ ଦିନ ଗର୍ଭରେ ଧରି ଅନ୍ନ ପାଢ଼ି ଜନ୍ମ ଦେଇଛି ହାତ ଧରି ଚାଲିବା ଶିଖେଇଛି ବହିବା ଶିଖେଇଛି ଖୁଆଇ ପିଆଇ ଛୋଟରୁ ବଡ଼ କରିଛି ତାଙ୍କରି ମୃତ୍ୟୁ ଦେବନ୍ତୁ ସେମାନଙ୍କର ସେମାନଙ୍କର ଶେଷ ଇଚ୍ଛା ଥିଲା ତାଙ୍କରି ସନ୍ତାନ ମାନେ ପୂରଣ କରିପାରିଛନ୍ତି କି ? ସେହି ଏକାଧା ସନ୍ତାନ ମାନେ ଭଣ ନିଜର ଭୁଲ ବୁଝି ବାପା ମା'ଙ୍କ ନିକଟକୁ ଫେରି ଆସିପାରନ୍ତି ? ଏମିତି ଏକ କାହାଣୀକୁ ନେଇ ମଂଚସ୍ଥ ଥିଲା ନାଟକ 'ଶେଷଇଚ୍ଛା' । ନାଟକର ନାଟ୍ୟକାର ପ୍ରଭାକର ପାତ୍ର ହୋଇଥିବା ବେଳେ ନିର୍ଦ୍ଦେଶନା ମନୋଜ ପାଢ଼ୀ ଓ ସହନିର୍ଦ୍ଦେଶନା ଆରତି ଦାସ ଦେଇଥିଲେ । ଉପସ୍ଥାପନା କରିଥିଲେ ଗଜପତି ଜିଲ୍ଲା ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଲିଖିଲିଲ ଆର୍ଟସ ଜଳାଳାର ମାନେ । ସଙ୍ଗୀତରେ ଥିଲେ ଏମ. ମାଧବ ପାତ୍ର, ଜଳାଳାର ମାନଙ୍କ ନିଖୁଣ ଅଭିନୟ ରେ ଦର୍ଶକ ବିଭୋର ହୋଇ ଯାଇଥିଲେ ।

ସାମ୍ବାଦିକ ପେନସନ ଓ ସଂଗ୍ରାମୀ ପରିବାର ପେନସନ ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରିବାକୁ ଦାବୀ

ଜଗତସିଂହପୁର, ୦୩/୦୨ (ଆ.ପ୍ର) : ବିଜେଡି ବଳ କ୍ଷମତାକୁ ଆସିବା ପୂର୍ବରୁ, ନିର୍ବାଚନ ସମୟରେ, ସାମ୍ବାଦିକମାନଙ୍କୁ ପେନସନ ଦେବାପାଇଁ କହିଥିଲେ । ରାଜ୍ୟରେ ସରକାର ଗଢିବାପରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଏକାଧିକବାର କହିଛନ୍ତି । ସେଥିପାଇଁ ଆସନ୍ତା ବଜେଟ ରେ ଅର୍ଥ ବ୍ୟବସ୍ଥା କରାଯାଉ । ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ପେନସନ ଦେବାପାଇଁ ଅନୁରୂପଭାବରେ ଆସନ୍ତାବଜେଟରେ ଅର୍ଥ ବ୍ୟବସ୍ଥା କରାଯାଉ । ଓଡିଶାରେ ସାମ୍ବାଦିକ ମାନଙ୍କୁ ଛାଡିଦେଲେ, ଅନ୍ୟସବୁ ବର୍ଗଙ୍କୁ ପେନସନ ଦିଆଯାଇଲାଣି । ଭାରତର ଅନ୍ୟରାଜ୍ୟମାନେ ସାମ୍ବାଦିକ ମାନଙ୍କୁ ଅନେକବିଧଗୁଣ ପେନସନ ଦେଉଛନ୍ତି । ହେଲେ ଓଡିଶାର ସାମ୍ବାଦିକମାନେ ବଂଚିତ । ସାମ୍ବାଦିକ ଓ ସଂଗ୍ରାମୀ ସାମ୍ବାଦିକମାନଙ୍କୁ ପେନସନ ଦେବାପାଇଁ, ଆସନ୍ତାବଜେଟରେ ଅର୍ଥବ୍ୟବସ୍ଥାକରିବାକୁ ଜଗତସିଂହ ଜିଲାର ବିଜୟ ପରିଷଦର ଆବାହକ ସାମ୍ବାଦିକ ସରୋଜ ନାୟକ, ସଂଗ୍ରାମୀ ସାମ୍ବାଦପରିଷଦ ତରଫରୁ ସାମ୍ବାଦିକ ରଘୁନାଥ ଆଚାର୍ଯ୍ୟ, ଏସଯୁକ୍ତେ, ଜଗତସିଂହପୁର ସଭାପତି ପ୍ରଶାନ୍ତ କୁମାର ଗାଉଡ ଗଣ ମାଧ୍ୟମଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

ଡ୍ରେନ କାମରେ ନାହିଁ ଫଳକ ପଂଚାୟତ ଅଫିସରେ ଥାକ ମରାଯାଉଛି ମାଣ୍ଡିଆ

ଝରୀଗାଁ, ୦୩/୦୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ଝରୀଗାଁ ବ୍ଲକର ବିଜିନ୍ପୁର ପଂଚାୟତରେ ସରପଂଚ ମାନଙ୍କ ରାଜ ଦେଖିବାକୁ ମିଳୁଛି । କେତେବେଳେ ନିଜ ଲୋକଙ୍କ ନାରେ ବିଭିନ୍ନ ଉର୍ଣ୍ଣୟନ ମୂଳକ କାମ କୁଡିକୁ ନିଜେ ସରପଂଚ ମାନେ କରୁଥିବା ବେଳେ ସେଠାରେ ଦେଖିବାକୁ ମିଳୁନାହିଁ ସାମାନ୍ୟ ସୂଚନା ଫଳକ ଟିଏ । କାମ ସାରିବା ପରେ ଯଦି କେହି ପଚାରନ୍ତି ତାହେଲେ ଭାରତ ମିଳେ ଯେ ଆମେ ଗୋଟେ ଦୁଇ ଦିନ ମଧ୍ୟରେ ଲଗାଇ ଦେବୁ । ଏ ଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଝରୀଗାଁ ବ୍ଲକର ଭାଲୁକନାଡୀ ପଂଚାୟତର ଭାଲୁକନାଡୀ ଗାଁରେ । ଗାଁରେ ପୁରୁଣା ଡ୍ରେନ ଥିବାବେଳେ ନିଜ ପକେଟ ଗରମ କରିବା ପାଇଁ ଅତି ଚତୁରତାର ସହ ସରପଂଚ ହଜାରର ବଖାରା ନିଜର ଜଣେ ଘନିଷ୍ଠ ଲୋକଙ୍କ ନାଁରେ ମାତ୍ର ୨୫ମିଟର ଡ୍ରେନ କାମ କରିଛନ୍ତି । ଯାହାର କୌଣସି ସୂଚନା ଫଳକ ନଥିବା ବେଳେ କାଗଜି ଅତି ନିମ୍ନମାନର । କିନ୍ତୁ ବୋଧ ହୁଏ ଉକ୍ତ ସ୍ଥାନକୁ ବିଭାଗୀୟ ଯନ୍ତ୍ରୀ ଇରତ କୃଷ୍ଣ ରାଉତଙ୍କର ପାଦ ପଡ଼ିନାହିଁ । ଏଣୁ ସେଠାରେ କଣ ଚାଲିଛି, କେମିତି ଚାଲିଛି ବାବୁଙ୍କୁ ମାଲୁମ ନାହିଁ । ୨୫ ମିଟର ଡ୍ରେନ କାମ ପାଇଁ ଏକଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖିଛି ବୋଲି ସରପଂଚ କହୁଥିବାବେଳେ ଭିତରେ ଭିତରେ ୩ଲକ୍ଷ ଟଙ୍କା ବିଲ କରାଯିବ ବୋଲି ଶୁଣାଯାଉଛି । ପୁଣି ପଂଚାୟତ ଅଫିସ ଭିତରେ ପଡି ରହିଛି ୪୫ ବସ୍ତା ମାଣ୍ଡିଆ ଯାହାକି ପଂଚାୟତର ପିଅନ ରାଜୀବ ଜାନା ଙ୍କର । କାହା ଅନୁମତିରେ ପଂଚାୟତକୁ ନିଜ ଘର ଭଳି ବ୍ୟବହାର କରାଯାଇଛି ଓ ଏ ଭଳରେ ଆଗକୁ କଣ ନିଆଯାଇଛି କର୍ତ୍ତୃପକ୍ଷମାନ ଦେଖିବାକୁ ବାକି ରହିଲା ।

ଖୋର୍ଦ୍ଧା : ସ୍ପର୍ଶ କୁଷ୍ଠ ସଚେତନତା ପକ୍ଷ ପାଳିତ

ଖୋର୍ଦ୍ଧା, ୦୩/୦୨ (ଆ.ପ୍ର) : କୁଷ୍ଠ ରୋଗର ଜୀବାଣୁ ରୋଗୀର ବିଶ୍ୱାସରେ ବାହାରି ପବନରେ ଖେଳିଯାଏ, ନିଜ ପାଖରେ ରୁହୁଥିବା ପରିବାର ଲୋକ ଓ ପ୍ରିୟ ଜନଙ୍କ ନାକାବାଟ ଦେଇ ତାଙ୍କ ଦେହକୁ ଯାଏ । ପରେ ୨ରୁ ୫ ବର୍ଷରେ ରୋଗର ଲକ୍ଷଣ ପ୍ରକାଶ ପାଏ, ଯଦି ରୋଗୀର ଚିକିତ୍ସା କରା ନ ଯାଏ ତେବେ ରୋଗୀ ବିକଳାଙ୍ଗ ହେବା ସହିତ ପାଖ ଲୋକଙ୍କୁ ରୋଗ ବଣ୍ଟିଥାଏ । କଣେ ରୋଗୀ ବର୍ଷକ ମଧ୍ୟରେ ବଣ୍ଟିବି ନୂଆ ରୋଗୀ ସୃଷ୍ଟି କରିଥାଏ । ରୋଗର ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଖାନାରେ ମାଗଣାରେ ମିଳୁଥିବା ଔଷଧ ଖାଇଲେ ଶହେରୁ ଅନେକାଂଶ ଭାଗ ଜୀବାଣୁ ମରିଯାଆନ୍ତି ଯଦ୍ୱାରା ଆଉ ପାଖ ଲୋକଙ୍କୁ ରୋଗ ଦେଇଁ ନଥାଏ । ରୋଗ ଜଣା ପଡ଼ିଲେ ରୋଗୀ ଔଷଧ ଖାଇବା ସହିତ ପାଖ ଲୋକ ମଧ୍ୟ ପ୍ରତିଷେଧକ ବାଟିକା ଖାଇବା ଦରକାର । ଏହି ବଟିକାର ନାଲିରଙ୍ଗ ପରିସ୍ରାରେ ବାହାରେ ଯାହାକୁ ଆଦର୍ଶ ଚିହ୍ନ ଭାବିବା ନାହିଁ । ରୋଗୀର ହାତ, ପାଦ ବଧିରା ହୋଇ ଝାଳ ନ ବାହାରିବାରୁ ତାହା ଶୁଷ୍କ ଫାଟି ଗା ହୋଇଯାଏ ବା ଜିଭି ଆଘାତ ଲାଗିଲେ ଜଣା ପଡେ ନାହିଁ, ପ୍ରତିଦିନ ହାତ, ପାଦ, ଅଣ୍ଡା ପାଣିରେ ଧୋଇ ତେଲ ଲଗାଇବେ, ରୋଗକୁ ହେଳା କଲେ ମନୁଷ୍ୟ ଶାରୀରିକ ସମ୍ପୂର୍ଣ୍ଣ ଅକ୍ଷମ ଓ ବିକୃତି ହୋଇ ଯାଆନ୍ତି । ଆଶା ଦିଦି, ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ କୁଷ୍ଠ ରୋଗ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରୀ ଆଜି ପୂର୍ବାହ୍ନରେ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଉପସ୍ଥାପିତ ବିଷୟ ପ୍ରକାଶ କରିଛନ୍ତି । ସେହିପରି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲିତା ରାଉତ ସଚେତନତା ପକ୍ଷର ସୂବିସ୍ତୃତ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ । ଏହି ସଚେତନତା ପକ୍ଷ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଚାଲିବ । ବ୍ୟାପକ ସଚେତନତା ନିମନ୍ତେ ବିଦ୍ୟାଳୟ ମାନଙ୍କରେ କୁଇଜ୍, ଶପଥ ପାଠ, ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଶୋଭାଯାତ୍ରା ସହ ଜିଲ୍ଲାର ସମସ୍ତ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କାର୍ଯ୍ୟକ୍ରମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କରାଯାଇଅଛି । ଏଠାରେ ପ୍ରକାଶ ଥାଉକୀ କୁଷ୍ଠ ଏକ ବାୟୁ କାହିତ ରୋଗ, ଚିକିତ୍ସିତ ନହେଲେ ସଂକ୍ରମଣ ରୋଗୀ ୧୦ ଜଣ ରୋଗୀ ସୃଷ୍ଟି କରିଥାଏ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନନ୍ଦିତା ଗୁପ୍ତା, ବିଜିନ୍ କୁମାର, ଡିପାର୍ଟମେଂଟ ଅଧିକାରୀ ଓ ବିଜିନ୍ କୁମାର ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ଆଲୋକିକରଣ ହେବ ବିରୂପା ଓ ତରିତୋ ବ୍ରିଜ

ଟାଙ୍ଗୀ ଚୌଦ୍ୱାର, ୦୩/୦୨ (ଆ.ପ୍ର) : ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଇଟିମୁଣ୍ଡା ପଂଚାୟତ ବିରୂପା ଓ ଚିତ୍ରତୋଳା ନଦୀ ତରିତୋ ବ୍ରିଜରେ ବହୁ ଦିନ ଧରି ଆଲୋକିକରଣ ବ୍ୟବସ୍ଥା ନ ଥିବାରୁ ରାତ୍ରି ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ କ୍ଷତି ହେଉଥିଲା । ଏହି ପରିପ୍ରେକ୍ଷୀରେ ଟାଙ୍ଗୀ– ସାଲେପୁର ଲାଇନ ଜେଡ଼ା ଅଧିକାର ରାୟ ଓ ଅଂଚଳର ବହୁ ଲାଇନ କର୍ମୀ ବ୍ରିଜରେ ଆଲୋକିକରଣ କରାଯିବା ନେଇ ତଦାରଖ କରିଥିଲେ । ପୂର୍ବରୁ ରାୟ ଲୁପୋରକ୍ତ ବୁଥଟି ପୋଲର ଉପରେ ଆଲୋକିକରଣ ବ୍ୟବସ୍ଥା କରାଯିବା ପାଇଁ ଶକ୍ତିମନ୍ତୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଖୁସବଶୀଗ୍ର ଏହି ଦୁଇଟି ବ୍ରିଜରେ ୩ଶହରୁ ଲର୍ଣ୍ଣ ଷ୍ଟ୍ରିଟଲାଇଟ୍ ଓ ଛକରେ ୪ଟି ହାଇମାସ୍ଟ ଲାଇଟ ବ୍ୟବସ୍ଥା କରାଯାଇ ଅଂଚଳବାସିଙ୍କର ଥିବା ବହୁ ଦିନର ସମସ୍ୟାକୁ ଦୂରୀକରଣ କରାଯିବ ବୋଲି ଶକ୍ତିମନ୍ତୀଙ୍କ ପ୍ରତିଶ୍ରୁତି ମିଳିଛି ବୋଲି ଅଭିନନ୍ଦ ରାୟ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ଏହି ତଦାରଖ ସମୟରେ ଶ୍ରୀମନ୍ତ କୁମାର ଗୌଡୁରୀ, ଅଶିତ୍ କୁମାର ପ୍ରଧାନ, ପ୍ରଦୀପ୍ତ ପଣ୍ଡା, ସତ୍ୟବ୍ରତ ସାହୁ, ଅମରେଶ ସାହୁ,ଶୁଭମ୍ ଶେଖର ସାହୁ ,ପ୍ରଦୀପ କୁମାର ସାହୁ, ଦିଲୀପ ରାଉତ, ବିନୁୟ ଶତଙ୍ଗୀ, ହୃଷିକେଶ ସାହୁ, ଲକ୍ଷଣ ସାହୁ, ସୁବ୍ରତ ତ୍ରିପାଠୀ ସହଯୋଗ ଉପସ୍ଥିତ ଥିଲେ ।

କୁଞ୍ଜକୋଠି ଦାସ ମଠରେ ବିରାଟ ଅଜଗର ସାପ ଉଧାର

ଏରସମା, ୦୩/୦୨ (ଆ.ପ୍ର) : ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠି ପଂଚାୟତ ଖୁରାଟ୍ଟ ଦାସମଠ ଚେତନ୍ୟ ମହାପ୍ରଭୁଙ୍କ ବାରିରେ ଏକ ବିରାଟ ଅଜଗର ସାପ ଉଧାର ହୋଇଛି । ଚେତନ୍ୟ ନିଜ ପାନ ବରଳକୁ ମଙ୍ଗଳବାର ଦିନ ୧୧ ଟା ସମୟରେ ଯାଇଥିବାବେଳେ ସାପ ଉପରେ ଗୋଡ଼ ପଡିଯିବାରୁ ସେ ଭୟଭୀତ ହୋଇ ଗାଁ ଲୋକଙ୍କୁ ଡାକିଥିଲେ । ଗାଁ ଲୋକେ ସାପଟିକୁ ଧରି ଜୁଜୁଡ଼ ବନ

ଆରମ୍ଭ
SEITHO AKAMBHA
ବୁଧବାର, ୪ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଚାଷୀର ହକ ପାଇଁ ରାଜରାସ୍ତାକୁ ଓହ୍ଲାଇଲା ବିଜେଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଲେ ବିଜେଡି ନେତା ଓ କର୍ମୀ

କଳାହାଣ୍ଡି, ୦୩/୦୨ (ଆ.ପ୍ର) : ରାଜ୍ୟରେ ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆହାରଶୃଙ୍ଖଳା ସ୍ଥିତି ପ୍ରସଙ୍ଗରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛି । ସେହି ଅନୁଲୁମେ ଆଜି କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ହଜାର ହଜାର ସଂଖ୍ୟାରେ ଚାଷୀ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଛନ୍ତି । ପ୍ରଥମେ ଚାଷୀଙ୍କୁ ସାର ମୁଠାଏ ଦେବା ପାଇଁ ସରକାର ହସ୍ତକ୍ଷେପ କଲେ । ଧାନ ଉତ୍ପାଦନ ପରେ ଧାନକିଣା ପ୍ରକ୍ରିୟା ଠିକ୍‌ଭାବେ ହୋଇପାରୁ ନାହିଁ । କଳାହାଣ୍ଡି ଜିଲ୍ଲାର ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେବି ହଜାର ହଜାର କ୍ୱିଂଟାଲ ଧାନ ମଣ୍ଡି ରେ ପଡ଼ିରହିଛି । ବିଜେପି ସରକାର କେବଳ ପ୍ରଚାର ସର୍ବସ୍ୱ ସରକାର । ଚାଷୀଙ୍କୁ ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ଓ ପରେ ୬୯୯ ଟଙ୍କା ମିଶାଇ ଦେବାକୁ ଘୋଷଣା କରି ଏବେ ପଛଘୁଞ୍ଚା ଦେଉଛନ୍ତି ବୋଲି ବିଜେଡି ନେତା ମାନେ କହିଛନ୍ତି । କଟମଜଟମୋରେ ଅତିଷ୍ଠ ହୋଇ ପଡ଼ିଥିବା ଜିଲ୍ଲାର ଚାଷୀଙ୍କ ଉପରେ ମିଲର୍ସମାନେ ଦାଉ ସାଧୁଛନ୍ତି । ଶୀତ କାକରରେ ପଡ଼ି ଚାଷୀମାନେ ହତସନ୍ତ ହେଉଥିବାବେଳେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ମେଳା, ମହୋତ୍ସବରେ ମଜା କରୁଛନ୍ତି । ଏପରିକି ଖୋଦ ଉପ-ମୁଖ୍ୟମନ୍ତ୍ରୀ ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବା ବଦଳରେ ସେମାନଙ୍କୁ ତାଚ୍ଛଲ୍ୟ କରିବାକୁ ପଛେଇନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ସେହିଭଳି ଆଜି ରାଜ୍ୟର ଆହାର ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାଜ୍ୟର ଚାଷୀ, ମହିଳା, ସାଧାରଣ ଲୋକଙ୍କ ହକ ଓ ଅଧିକାର ପାଇଁ ବିଜୁ ଜନତା ଦଳ ସବୁବେଳେ ରହିଥିଲା ଆଗକୁ ବି ରହିବ ବୋଲି ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀ କହିଛନ୍ତି । ସେହିପରି ମହିଳାଙ୍କ ଉପରେ ଅତ୍ୟାଚାର ବୃଦ୍ଧି, ରାଜ୍ୟରେ ସାମ୍ପ୍ରଦାୟିକ ଭେଦଭାବ ବୃଦ୍ଧି ସହିତ ରାଜ୍ୟରେ ଆଇନଶୃଙ୍ଖଳା ବିଡ଼ିବିଡ଼ାଇଥିବା ଅଭିଯୋଗ କରି ବିଜେଡି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛି । ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିଜେଡିର ବହୁ ନେତୃବୃନ୍ଦ ସାମିଲ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭରାଗ କରିଥିଲେ । ସେହିପରି ଅପରାହ୍ଣରେ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଯାଇଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା । ସେହିପରି ଜିଲ୍ଲାପାଳ ଆସିବାରେ ବିଳମ୍ବ କରିବା ସହିତ ତାଙ୍କ ପ୍ରତିନିଧିଭାବେ ଭବାନୀପାଟଣା ଉପଜିଲ୍ଲାପାଳଙ୍କୁ ଆଲୋଚନା ପାଇଁ ପଠାଇଥିଲେ । କିନ୍ତୁ ଜିଲ୍ଲାପାଳ ନିଜେ ଆସି ଦାବିପତ୍ର ଗ୍ରହଣ କରିବାକୁ ଜିଦ ଧରି ଅଡ଼ି ବସିଥିଲେ ବିଜେଡି ନେତୃବୃନ୍ଦ । ତେବେ ଦୀର୍ଘ ସମୟ ଧରି ଜିଲ୍ଲାପାଳ ନଆସିବାରୁ ଶତାଧିକ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ । ନାଗାବାଳି କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ସଚିନ ପାଣ୍ଡାଙ୍କ ପ୍ରତାଶ୍ରୟ ଦାବିପତ୍ର ପ୍ରଦାନ କରିଥିଲେ । ବିଜେଡି ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ ସଭାରେ ଜୁଡ଼ାଗଡ଼ ବିଧାୟକ ଜ୍ୟାପାଟେଲ ବିଦ୍ୟଶଙ୍କର ମିଶ୍ର, ନଳୀ ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ଗୋବର୍ଦ୍ଧନ ଦାଶ, ମହେଶ୍ୱରୁ ବାଗ, ପୂର୍ବତନ ସବର ବିଧାୟକ ବୃଷ୍ଣକ୍ତ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧାରା ମେହେର, ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ବିଜେଡି ବରିଷ୍ଠ ନେତା ପ୍ରତାପ ମୁଣ୍ଡ, ଧର୍ମେନ୍ଦ୍ର ନାୟକ, ଜିତେନ୍ଦ୍ର ମହାନ୍ତି, ଟିକେଲାଲ ସାହୁ, ଅବିଜ ସାହୁ, ନଗରପାଳ ବିଷ୍ଣୁ ପ୍ରଧାନ, ମହିଳା ସଭାନେତ୍ରୀ ଲଜିତା ନାୟକ, କଲ୍ୟାଣୀ ନାୟକ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଯୁବ ରାଜ୍ୟ ବରିଷ୍ଠ ଉପସଭାପତି ମଂଗୁ ନାୟକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ଦୁର୍ଗାପ୍ରସାଦ ମହାନ୍ତି, ପ୍ରଶାନ୍ତ ନାୟକ, ସାମନ୍ତ ଖମାରୀ, ନୃପରାଜ ଯାଦବ, ବଡ଼ିପାରାୟଣ ପଞ୍ଚାୟତ, ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ମାଣିକ୍ୟ ନାୟକ, ଜଜତି ମହାନ୍ତି, ମହିଳା ନେତ୍ରୀ ସବିତା ପ୍ରଧାନ, ସୁନନ୍ଦା ସାହୁ, ପୂର୍ବତନ ନଗରପାଳ ସଂଘୁକ୍ତା ବେହେରା, ସବିତା ମେହେର, ପ୍ରେମ ରଞ୍ଜନ ପାଣିଗ୍ରାହୀ, ପରମାନନ୍ଦ ମାଝୀ, ଗୋମାଂଚଳ ସାହୁ , ମହେଶ ସାହୁ, ତ୍ରିଲୋଚନ ପାଣିଗ୍ରାହୀ, ସେନାପତି ନାୟକ, ଗୁରୁରାଜ ମାଝୀ, ଆଶୁତୋଷ ପୁରୋହିତ, ସମସ୍ତ ବ୍ଲକ ସଭାପତି ଓ କାଉନସିଲର ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ର ନେତା ଅବିନାଶ ଠାକୁର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବଦଳ ବରିଷ୍ଠ ନେତା ଭବାନୀଶଙ୍କର ମିଶ୍ର ସଭା ପରିଚାଳନା କରିଥିଲେ ।

ନାବାଳିକାକୁ ଅପହରଣ କରି ଜଙ୍ଗଲରେ ବାନ୍ଧି ଫିଙ୍ଗି ଦିଆଯିବା ଘଟଣାରେ ଜଣେ ଅଟକ, ଜଣେ ଫେରାର

ବାଲିଗୁଡ଼ା, ୦୩/୦୨ (ଆ.ପ୍ର) : ନାବାଳିକାଙ୍କୁ ଅପହରଣ କରି ହାତ ଗୋଡ ବାନ୍ଧି ଜଙ୍ଗଲରେ ଛାଡି ପଳାଇଲେ । ରାତି ଅନ୍ଧାର ଭିତରେ ଘଂଟ ଜଙ୍ଗଲରେ ଭୟରେ ଜୀବନ ବଂଚାଇ ଜୋଶିସି ପ୍ରକାରେ ଉଦ୍ଧାର ହୋଇ ସକାଳେ ଘରକୁ ଫେରିଛନ୍ତି ଜଣେ ୧୪ ବର୍ଷୀୟ ନାବାଳିକା । ଏପରି ଏକ ଘଟଣା ଜନ୍ମମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ତୁମୁଡ଼ିବନ୍ଧ ବ୍ଲକ ବେଳଘର ଥାନା ଅଂଚଳରେ ଘଟିଛି । ସୂଚନା ପ୍ରକାରେ, ନାବାଳିକା ଜଙ୍ଗଲ ଗତ ରବିବାର ପୂର୍ବାହ୍ନରେ ଏଣ୍ଟୁଜିଆ ଗାଧୋଇବା ପାଇଁ ନଦୀକୁ ଯାଇଥିଲେ । ପୂର୍ବ ଯୋଜନା ପ୍ରକାରେ ସେହି ଅଂଚଳର ୨ ଜଣ ଯୁବକ ନାବାଳିକାକୁ ଗାଧୋଇବା ତୁଠରୁ ଉଠାଇ ଏକ ଘଂଟ ଜଙ୍ଗଲକୁ ନେଇଯାଇଥିଲେ । ସେଠାରେ ନାବାଳିକାଙ୍କୁ ଶାରୀରିକ ସମ୍ପର୍କ ରଖିବା ପାଇଁ ଜବରଦସ୍ତ କରିଥିଲେ । କିନ୍ତୁ ନାବାଳିକା ରାଜି ନ ହେବାରୁ ସେ ପିଛିଥିବା ପୋଷାକ ଚିରି ଦେଇ ଭିଡିଓ କରି ଭାଇରଲ କରିଦେବୁ ବୋଲି ଧମକ ଦେଇଥିଲେ ଯୁବକ । ଏହା ସହିତ ନାବାଳିକାଙ୍କୁ ମାଡମାରି ପାଟିରେ କପଡ଼ା ଓ ହାତ ଗୋଡ ବାନ୍ଧି ସେହି ଘଂଟ ଜଙ୍ଗଲରେ ଛାଡ଼ି ଦେଇ ପଳାଇଥିଲେ । ସେଠାରେ ରାତିର କିଟି କିଟି ଅନ୍ଧାର, ହିଂସ୍ରଜନ୍ତୁଙ୍କ ଭୟ ସହିତ ଶୀତ କାକରରେ ରାତି ଜାତି ଥିବାବେଳେ ବନ୍ଧା ହାତଗୋଡ କିପରି ଖୋଲିବେ ସେ ପ୍ରଚେଷ୍ଟା ଜାରି ରଖି ସୋମବାର ସକାଳ ହେବାରୁ ଜୋଶିସି ପ୍ରକାରେ କଷ୍ଟେ ମଂଷ୍ଟେ ଘରକୁ ଫେରି ପରିବାର ଲୋକଙ୍କୁ ସମସ୍ତ ବିଷୟ କହିଥିଲେ । ଏନେଇ ପରିବାର ଲୋକେ ବେଳଘର ଥାନାରେ ଏକ ଲିଖିତ ଅଭିଯୋଗ ଦେଲା ପରେ ବେଳଘର ଥାନା କେଶ ନଂ. ୧୦/୨୦୨୬ରେ ଏକ ମାମଲା ରୁଜୁ କରି ସେହି ଗ୍ରାମର ସୁଶାନ୍ତ ନାୟକ ନାମକ ଜଣେ ଯୁବକଙ୍କୁ ଅଟକ କରି ଉଚ୍ଚ ପଗାରଜରିରା ଜାରି ରଖିଥିବା ବେଳେ ଆଜ ଜଣେ ଫେରାର ଥିବା ବିଷୟ ବେଳଘର ପୋଲିସ ପ୍ରକାଶ କରିଛି । ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବ୍ୟାପକ ଚିନ୍ତା ସୃଷ୍ଟି କରିଛି, ଏହି ବର୍ବରତାକୁ ନିନ୍ଦା କରିବା ସହିତ ଅପରାଧୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଗ୍ରାମାଂଚଳରେ ଯୁବତୀମାନଙ୍କ ସୁରକ୍ଷା ଉପରେ ଅଭିଭାବକ ଏବଂ କର୍ମୀମାନେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି, କର୍ତ୍ତୃପକ୍ଷଙ୍କୁ ଦ୍ରୁତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି । ପୋଲିସ ଆଶ୍ୱାସନା ଦେଇଛି ଏଥି ଏକ ପୂର୍ଣ୍ଣ ତଦନ୍ତ ଚାଲିଛି ଏବଂ ଦୋଷୀମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ ।

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୦୩/୦୨ (ଆ.ପ୍ର) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଚିବାଳୟ କକ୍ଷ ଠାରେ ଗ୍ରାମ୍ୟ ମୁଖ୍ୟ ପ୍ରଶାସନିକ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ଗୁଳିଲ ଅଗ୍ରୱାଲ , ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା , ବନବିଭାଗ ଅଧିକାରୀ ପାରଳାଖେମୁଣ୍ଡି ଜେ.ନାଗାରାଜୁ, ମୁଖ୍ୟ ଜନ୍ମୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଜନ୍ମୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି , ଜଡକଳପଠା , କାଶାଶାଳ, ରାଣୀପେଷ୍ଟ ଓ ଫିଆମାଡ଼ୁଙ୍ଗ ପଂଚାୟତର ସମୁଦାୟ ମୋଟ-୯୪ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୮୪ ଗୋଟି , ଗ୍ରାମ ଭିତିକ ସମସ୍ୟା – ୧୨ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖ୍ୟ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷ୍ଠୀଶୀ ଗୋଷ୍ଠୀ ଜନ୍ମୟନ ଅଧିକାରୀ ଗୋର ଚନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

ମିରାକଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ନିଆରା ଢଙ୍ଗରେ ପାଳିତ

ବାସୁଦେବପୁର, ୦୩/୦୨ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ବ୍ଲକ ରୋଡ଼ ନିକଟରେ ଅବସ୍ଥିତ ମିରାକଲ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ନିଆରା ଓ ଆକର୍ଷଣୀୟ ଢଙ୍ଗରେ ପାଳିତ ହୋଇଯାଇଛି । ଶିକ୍ଷା ସହିତ ସଂସ୍କୃତି ଓ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନକୁ କେନ୍ଦ୍ର କରି ଏହି ଉତ୍ସବ ଆୟୋଜିତ ହୋଇଥିଲା । ଏହି ବାର୍ଷିକ ଉତ୍ସବରେ ଉପସ୍ଥିତ ମୁଖ୍ୟ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଆଗାମୀ ଜୀବନ, ଲକ୍ଷ୍ୟ ଓ ସଫଳତା ସମ୍ପର୍କରେ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ । ସେମାନେ କହିଥିଲେ—ବାପା ମାଆ ଜନ୍ମ ଦେଇଥନ୍ତି ସତ୍ୟ, କିନ୍ତୁ ଏକ ଲକ୍ଷ ଓ ବାଧିବ୍‌ଶୀଳ ମଣିଷ ଗଢ଼ି ତୋଳିବାରେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ବାର୍ଷିକ ଉତ୍ସବକୁ ଗୋଟିଏ "ଦର୍ପଣ" ସହିତ

ତୁଳନା କରି ଅତିଥିମାନେ କହିଥିଲେ—ଏହି ଦର୍ପଣରେ ବର୍ଷ ଶେଷରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଓ ସାଂସ୍କୃତିକ ପ୍ରଗତି ସ୍ପଷ୍ଟ ଭାବେ ଦେଖିବାକୁ ମିଳେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସେହିପରି ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଓ ଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡକ୍ଟର ଅଜୟ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ । ସେହିପରି ସ୍କୁଲର ଅଧ୍ୟକ୍ଷ ପ୍ରିତୀରଞ୍ଜନ ସାହୁ, ସଂପାଦକ ରାଜାସ ବିହାରି ମହାନ୍ତି, ଚେୟାରମ୍ୟାନ୍ ଦୁଃଶାସନ ରାଉତଙ୍କ ସହିତ ସ୍କୁଲର ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଖୋର୍ଦ୍ଧା, ୦୩/୦୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରଧାନଙ୍କ ଯୌଗଦିତ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଚିବାଳୟ କକ୍ଷରେ ଜିଲ୍ଲାସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ୟାପକ ସଚେତନତା ଜାଗରଣ କରିବା ନିମନ୍ତେ ଏକ ସପ୍ତାହ ବ୍ୟାପି ୧୭ ଜାନୁୟାରୀ ଠାରୁ ୨୪ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଗୁଡିକରେ ଚିତ୍ରାଙ୍କନ, ନିବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବିଶ୍ୱାପ କୁମାର ହିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଆରକ୍ଷୀ ନିରୀକ୍ଷକ ମମତା ପତି ଯୋଗଦେଇଥିଲେ । ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଜିମୁଖ୍ୟ, କନ୍ୟା ସନ୍ତାନ ମାନଙ୍କର ଅଧିକାର ଏବଂ ସେମାନଙ୍କ ଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା ବିସ୍ତୃତ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରଧାନ ଅତିଥି ପରିଚୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଡିଓ ଟାଙ୍ଗୀ, ଚିଲିକା, ଏବିଡିଓ, ବୋଲଗଡ଼, ସମସ୍ତ ବ୍ଲକର ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି ସୂପର ଭାଇଜର, ଶକ୍ତି ସଦନ, ଓଏସସି, ସ୍ୱେଚ୍ଛାସେବୀ ସଂଗଠନ, କିଶୋରୀ ବାଳିକା ଏବଂ ପ୍ରମୁଖ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କନ୍ୟା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା ପୁରସ୍କୃତ କରିଥିଲେ । ପରିଶେଷରେ ଜିଲ୍ଲା ସଂଯୋଜିକା, ହବ, ସମ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ମତ୍ୱଲ୍ଲୀ ବାବା ଚେହେଲୁମ ଫାତେହା କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ସମୀକ୍ଷା କଲେ ଏସପି

ଧାମନଗର, ୦୩/୦୨ (ଆ.ପ୍ର) : ଧାମନଗର ସ୍ଥିତ ପାଇବାଡା ହଜରତ ମୁଜାହିଦ-ଏ-ମିଲ୍ଲୁଙ୍କ ମୌଲାନା ସାନା ମହମ୍ମଦ ହବିବୁର ରହମାନାଙ୍କ ନାତି ଧାମନଗର ଖାଜା ଉର୍ସ କମିଟି ପୂର୍ବତନ ସଭାପତି ମତ୍ୱଲ୍ଲୀ ବାବା ଆଜଜାଜ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ବୁଇଦିନିଆ ଫାତେହା କାର୍ଯ୍ୟକ୍ରମ ପାଇଁ ଜରୁରୀ ଏସପି ମନୋଜ କୁମାର ରାଉତ ପ୍ରସ୍ତୁତି ଓ ସମୀକ୍ଷା କରିଛନ୍ତି । ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ମଜାଦାର ଧାମନଗର ଏସ ଡି ପି ଓ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନୂତନ ଏସ ଡି ପି ଓ ଅଜିତୁଲ୍ଲ ମୁଦୁଲି, ଆଇଆଇଟି ଖଡ଼ଗପୁର କୁମାର ସେଠୀ, ଖାନକା ଉର୍ସ କମିଟିର ଉପସଭାପତି ସୟଦ ମୁସ୍ତଫା ରଜା ହବିବି, ସୟଦ ହସନେନ ରାଜା ହବିବି, ସହସଭାପତି ଅବଦୁଲ ରହମାନ, ସେକ ତାହେର ମହମ୍ମଦ, ଗୋଲାମ ଅଲ୍ଲୁ ହବିବି, ସେକ ମୋହିଉଦ୍ଦିନ, ଗୋଲାମ ଜିଲାନି ହବିବି, ସେକ ଅବଦୁଲ ହାକିମ ହବିବି, ସେକ ଜାଫର ଅଲ୍ଲୁ ହବିବି ପ୍ରମୁଖ ଜଡ଼ିସ୍ଥିତ ରହି ଯାନବାହନ ଚଳା

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୪ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଜିଲ୍ଲା ବରିଷ୍ଠ ନାଗରିକ ସମସ୍ୟା କମିଟିର ସ୍ୱତନ୍ତ୍ର ସଭ୍ୟା ହେଲେ ସ୍ନେହମୟୀ

ଜଗତସିଂହପୁର, ୦୩/୦୨ (ଆ.ପ୍ର) : ଜିଲ୍ଲା ବରିଷ୍ଠ ନାଗରିକ ସମସ୍ୟା କମିଟିରେ ସ୍ୱତନ୍ତ୍ର ସଭ୍ୟା ହେଲେ ସ୍ନେହମୟୀ । ବ୍ୟାସ ଫାଉଣ୍ଡେସନ ଏ ଡାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ବାର୍ଦ୍ଧି ଦିନ ଧରେ ବରିଷ୍ଠ ନାଗରିକ ମାନଙ୍କର ପରିବାରରେ ଅବହେଳା, ସେମାନଙ୍କର ସମସ୍ୟାକୁ ଅତି ନିକଟରୁ ବୁଝି ଛନ୍ତି । ପ୍ରତ୍ୟେକ ଦିନ ପରିବାର ଦ୍ୱାରା ଶାରୀରିକ, ମାନସିକ ଭାବେ ଅତ୍ୟାଚାରିତ ହେଉ ଥିବା ବାପା ମା'ଙ୍କୁ ଜିଲ୍ଲାପାଳଙ୍କ ଜଜରକୁ ଆଣି ସେମାନଙ୍କର ସମସ୍ୟାକୁ ସମାଧିତ କରିବା ସହ ପରିବାରରେ ଶାନ୍ତିରେ ରହିବାର ଅନେକ ଉଦାହରଣ ସୃଷ୍ଟି କରି ପାରିଛନ୍ତି । ଏତେ ପରେ ବି ଦିନକୁ ଦିନ ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ବଢିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ବରିଷ୍ଠ ନାଗରିକ ମାନଙ୍କର ସମସ୍ୟାର ସମାଧାନ, ସେମାନଙ୍କର ଭରଣ ପୋଷଣ, ବଂଟିବାର ଅଧିକାର ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେବା ସହ ଏକ କମିଟି ଗଠନ କଲେ । ସ୍ନେହମୟୀଙ୍କ ବାର୍ଦ୍ଧି ଦିନର ଅଭିଜ୍ଞତାକୁ ବିଚାର ବିମର୍ଶ କରି ସେହି କମିଟିରେ ଅଭିଜ୍ଞ ସାମାଜିକ କର୍ମୀ ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏକ ଚିଠି ନଂ ୧୨୭ ତା ୨୮/୧/୨୦୨୬ଆଧାରରେ ମନୋନୀତ କରିଛନ୍ତି । ଜିଲ୍ଲା ପ୍ରଶାସନ ସ୍ନେହମୟୀଙ୍କ ଅଭିଜ୍ଞତା ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଥିବାରୁ ତାଙ୍କୁ ମିଳିଥିବା ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ପାଇଁ ପ୍ରତିଶ୍ରୁତି ଦେବା ସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକ, ସମ୍ମାନସ୍ପଦ ଜିଲ୍ଲାପାଳ ଡେ ସୋନାଲି,ଭପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ଚରାଲ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଡେପୁଟି କଲେକ୍ଟର ଅଶୋକ କୁମାର ଗିରି, ଉପଶ୍ରମ ସାମାଜିକ ସୁରକ୍ଷା ଅଧିକାରୀ ଉଦର ସୁନ୍ଦର ସ୍ୱାଇଁ ଏବଂ ବ୍ୟାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ତଥା ଶୁଭେଚ୍ଛୁ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସ୍ନେହମୟୀଙ୍କ ଏପରି ମନୋନୟନକୁ ବ୍ୟାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ମାନେ ପ୍ରଶଂସା କରିଛନ୍ତି ।

ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ସମାଜସେବୀ ଏବଂ ଜିଲ୍ଲାପରିଷଦ

ନିଶିନ୍ଦିଙ୍ଗେଲିଲି, ୦୩/୦୨ (ଆ.ପ୍ର) : ନେମାଳ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଶ୍ରୀଯୁକ୍ତ ଜ୍ୟୋତିରଂଜନ ମହାପାତ୍ର ଯୋଗଦାନ କରିଛନ୍ତି । ଶ୍ରୀ ମହାପାତ୍ର ନେମାଳ ଥାନାର ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲାପରେ ସମାଜସେବୀ କୃଷ୍ଣଚରଣ ମୁଦୁଲି, ୨୫ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ଇଂ.ବିଜୟ ରୋଲ, ଶିତିଶ ରାଉତ, ରମେଶ ମହାପାତ୍ର, ଦୁର୍ଯୋଧନ ପଣ୍ଡା, ଶ୍ରୀକାନ୍ତ ମହାପାତ୍ର, ଗୁରୁଚରଣ ସେଠୀ, ବିଜୟ ମହାପାତ୍ର, ଅକ୍ଷୟ ମହାନ୍ତି, ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ସାମାଜିକ ଗୋବିନ୍ଦଚନ୍ଦ୍ର ଦାସ, ଜଳଜୀବଲୁଭ ମହାନ୍ତି, କୃପାସିନ୍ଧୁ ମହାପାତ୍ରଙ୍କ ସମେତ ନେମାଳ ଏବଂ ସାନ୍ନକୁଡ଼ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ନବ ନିଯୁକ୍ତ ଥାନା ଅଧିକାରୀ ଶ୍ରୀ ମହାପାତ୍ରଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିବା ସହ ସ୍ଥାନୀୟ ଅଞ୍ଚଳର ଗଚ୍ଛିଥିବା ବିଭିନ୍ନ ପ୍ରକାର ଆଇନ ଶୃଙ୍ଖଳା ସମସ୍ୟା ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଛନ୍ତି । ଏହି ଅବସରରେ ନବନିଯୁକ୍ତ ଥାନା ଅଧିକାରୀ ଶ୍ରୀ ମହାପାତ୍ର ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଯାହାକିଛି ଆଇନଗତ ସମସ୍ୟା ରହିଛି ତାହାକୁ ଗୁରୁତର ସହ ନେଇ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ଶ୍ରୀ ମହାପାତ୍ର ପୂର୍ବରୁ କଟକ ଜିଲ୍ଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଥିଲେ

ବିଧାନସଭା ଗୃହ କମିଟିର ଖଣ୍ଡପଡ଼ା ଗସ୍ତ ବିଭିନ୍ନ କ୍ଷେତ୍ର କଲେ ପରିଦର୍ଶନ

ଖଣ୍ଡପଡ଼ା, ୦୩/୦୨ (ଆ.ପ୍ର) : ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବିଧାନସଭା ଗୃହ କମିଟିର ସଦସ୍ୟମାନେ ମଙ୍ଗଳବାର ଅପରାହ୍ନରେ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିବା ଜଣାଯାଇଛି ।ଗୃହ କମିଟିର ସଦସ୍ୟମାନେ ଖଣ୍ଡପଡ଼ା ବ୍ଲକର ସିଙ୍ଗାପଡା ପଂଚାୟତ ଅଧିନ ଗୁପାଘଲ୍ଲୀ ଓ ମୁଣ୍ଡାଁପାରେ ଅବସ୍ଥିତ ଏକ ଫାର୍ମ ହାଉସ ପରିଦର୍ଶନ କରିବା ଅବସରରେ ମହିନା କୃଷକ ପ୍ରାଥମିକ ଶ୍ରୁଟିଆ ଚାଷବାସ କାର୍ଯ୍ୟ କରି କିପରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ସେ ସମ୍ପର୍କରେ ଅବଗତ ହୋଇଥିଲେ ।ସେହିପରି ମତ୍ସ୍ୟ ଚାଷୀ ସୋନାଲି ମଲ୍ଲୁଙ୍କୁ ଭେଟିବା ଅବସରରେ ସେ ୫ଟି ପୋଖରୀରେ କରିଥିବା ମାଛଚାଷ ସଂପର୍କରେ ଗୃହ କମିଟିର ସଦସ୍ୟମାନେ ତାଙ୍କ ଠାରୁ ବିଶେଷ ତଥ୍ୟ ସଂଗ୍ରହ କରିଥିଲେ । ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ନେଇ ସରକାର ଏକାଧିକ ଲୋକହିତକର ଯୋଜନାମାନ ପ୍ରଣୟନ କରିଥିବା ବେଳେ ମହିଳା ପ୍ରଭାସିନୀ ଓ ସୋନାଲି ଯୋଜନାର ସଫଳ ରୂପାୟନ କରିପାରିଥିବାରୁ ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ । ପରେ ସଦସ୍ୟମାନେ ଗୋଛାବାରୀ ଗ୍ରାମର ପ୍ରଭୁ ଶ୍ରୀ ହନୁମାନଙ୍କ ମନ୍ଦିର, ଜଂଟିଲୋ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିର ପରିଦର୍ଶନ କରିବା ସହ ବାଶପୁର ଗ୍ରାମ ପାର୍ଶ୍ୱସ୍ଥ ମହାନଦୀ ଘାଟରେ ମାଛ ଚାଷ ସ୍ଥଳ ପରିଦର୍ଶନ କରିବା ସହ ବାଶପୁର ଗ୍ରାମର ମତ୍ସ୍ୟଜୀବୀ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ । ଗୃହ କମିଟିର ସଦସ୍ୟମାନଙ୍କ ମଧ୍ୟରେ ବିଧାୟକ ସତ୍ୟଜିତ ଗମାଙ୍କ, ରୁପେଶ କୁମାର ପାଣିଗ୍ରାହୀଙ୍କ ସହ ଖଣ୍ଡପଡ଼ା ଏସଡିପିଓ ମଦନମୋହନ ପ୍ରଧାନ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଆଖପାଖ ଅଂଚଳ ପରିଦର୍ଶନ କରିଥିବା ଜଣାପଡିଛି ।

ନିୟମ ଉଲ୍ଲଂଘନ ଅଭିଯୋଗ : ଶିଶୁ ସେବିକା ଚୟନରେ ବିଶୃଙ୍ଖଳା

ସିନାପାଲି, ୦୩/୦୨ (ଆ.ପ୍ର) : ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଚରଗାଛଣ୍ଡା ଜଜ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ଚୟନ ପ୍ରକ୍ରିୟାକୁ ନେଇ ଗୁରୁତର ବିଶୃଙ୍ଖଳା ସୃଷ୍ଟି ହୋଇଛି । ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ପ୍ରାକ୍ ପ୍ରାଥମିକ ଶିକ୍ଷାକୁ ଅଧିକ ଗୁଣାତ୍ମକ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁ ସେବିକା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହି କ୍ରମରେ ସିନାପାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଚୟନ ପ୍ରକ୍ରିୟା ଚାଲି ଥିବାବେଳେ, ଚରଗାଛଣ୍ଡା ବିଦ୍ୟାଳୟରେ ଏହାକୁ ନେଇ ବିବାଦ ଉପସ୍ଥିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା-୯୧୧୮/୨୫, ଜିଲ୍ଲା ପ୍ରଜ୍ଞ ନୂଆପଡାଙ୍କ ପତ୍ର ସଂଖ୍ୟା-୨୦୧/୨୬ ଏବଂ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା-୧୨୭/୨୬ (ତା. ୨୦/୦୧/୨୦୨୬) ଅନୁଯାୟୀ ଶିଶୁ ସେବିକା ଚୟନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପ୍ରଥମେ ୩୦/୦୧/୨୦୨୬ ତାରିଖରେ ଚୟନ ପ୍ରକ୍ରିୟା ହେବାକୁ ଥିବାବେଳେ, ବିଭିନ୍ନ ସିନାପାଲିର ନିର୍ଦ୍ଦେଶକ୍ରମେ ଏହାକୁ ୦୩/୦୨/୨୦୨୬ ତାରିଖକୁ ସ୍ଥଗିତ କରାଯାଇଥିଲା । ତେବେ ଚୟନ ସମୟରେ ସ୍କୁଲ ପରିଚାଳନା କମିଟିଙ୍କ ମତାମତକୁ ଅଣଦେଖା କରି ବିଦ୍ୟାଳୟ ପ୍ରଧାନ ଶିଶୁକ ଶ୍ରୀଶ୍ରୀରାଲାଲ ମେହେର ଏବଂ ସିଆରସି ରାଧେଶ୍ୟାମ ସୁନାନୀ ନିଜମନମୁଖୀ ଭାବରେ ଚୟନ ପ୍ରକ୍ରିୟାକୁ ଖାରାଜ କରିଦେଇଥିବା ନେଇ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ଘଟଣାକୁ ନେଇ ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୁରୁତ୍ୱ ଏହି ବିଷୟରେ ଜାତୀୟସ୍ତରୀୟ ତଦନ୍ତ କରାଯାଇ ନିୟମ ଅନୁଯାୟୀ ଶିଶୁ ସେବିକା ଚୟନ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରସ୍କାର ବିତରଣ ଉତ୍ସବ

ମାହାଙ୍ଗା, ୦୩/୦୨ (ଆ.ପ୍ର) : ମାହାଙ୍ଗା ବ୍ଲକ କଲଥାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାରେ ୭୭ତମ ସାଧାରଣତନ୍ତ୍ର ଦିବସ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ଶାନ୍ତିଲତା ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅୟକର କମିଶନର ଶୋଭନ କର ଏବଂ ସମ୍ମାନିତ ଅତିଥି ଭାବେ ନିର୍ଭୀକ ପତ୍ରିକାର ସଂପାଦକ ଅବନୀ ଚନ୍ଦ୍ର ଦାସ ଯୋଗଦେଇ ଆମ ଅଞ୍ଚଳ ଭାରତ ବର୍ଷର ଅନେକ ଗୌରବମୟ ଗାଥା ଅବତାରଣା କରି ଛାତ୍ରଛାତ୍ରୀ ବିଦ୍ୟାର୍ଥୀ, ଶିକ୍ଷକ।ଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବକ୍ତୃତା, ସଂଗୀତ ଗାନ, ନୃତ୍ୟ, ଅଭିନୟ କ୍ଷେତ୍ରରେ କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷା କ୍ଷେତ୍ରରେ ସଂପୃକ୍ତ କୃତି ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କାର, ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଅମ୍ବାମାନଙ୍କ ମଧ୍ୟରେ ଡଃ. ପ୍ରଭାତ କୁମାର ମିଶ୍ର, ଶିକ୍ଷାନୁଷ୍ଠାନର ସଭାପତି ସନ୍ତୋଷ କୁମାର ସିଂ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଶିଶୁବିଦ୍ୟାମନ୍ଦିରର ସଚିବ ସଂଜୀବ କୁମାର ମହାନ୍ତି, ସଂପାଦକ ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ଏବଂ ଶିକ୍ଷକା ଶିକ୍ଷୟିତ୍ରୀମାନଙ୍କର ତତ୍ତ୍ୱାବଧାନରେ ଶିଶୁ ଛାତ୍ରଛାତ୍ରୀମାନେ ବିଭାଜର୍ଷିକ ନୃତ୍ୟ ଏବଂ ଅଭିନୟ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ,ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

ଟେମରା ପାତ୍ର ଓ ମାଝୀ ପରିବାରର ପାଟଯାତ୍ରା

ଜୋଇସରା, ୦୩/୦୨ (ଆ.ପ୍ର) : ଦୀର୍ଘ ୩୩ ବର୍ଷ ପରେ ଜୋଇସରା ବ୍ଲକ ଟେମରା ଗ୍ରାମର ପାତ୍ର ଓ ମାଝୀ ପରିବାରର ପାଟଯାତ୍ରା ଅନୁଷ୍ଠିତ ହୋଇଛି । ଗତ ୩୩ଦିନ ଧରି ଟେମରା ହଂସପଡା ପାରେ ଏହି ପାଟଯାତ୍ରା ଚାଲିଥିବାବେଳେ ବୁଧବାର ଭାବଯାତ୍ରା ହେବ । ସୋମବାର ଦେବୀଙ୍କୁ ଆମନ୍ତ୍ରଣ, ଅଧିବାସ ପୂଜା, ପାଟଖଣ୍ଡାର ଛତର ଉତ୍ସବ ଓ ପିଠକୁ ଆଗମନ ହୋଇଥିବା ବେଳେ ମଙ୍ଗଳବାର ବ୍ଲକ ଦେବୀଦେବୀଙ୍କ ପୂଜାର୍ଚ୍ଚନା, ବହୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପାଟଯାତ୍ରା ଦୀର୍ଘ ୩୩ ବର୍ଷ ପରେ ହୋଇଥିବା ବେଳେ ପାତ୍ର ଓ ମାଝୀ ପରିବାରର ୪୩୨ ପରିବାର ସହିତ ବିଭିନ୍ନ ସ୍ଥାନରେ ଥିବା ବହୁ ବାନ୍ଧବ ମାନେ ସାମିଲ ହୋଇଥିଲେ । ପାଟ ଯାତ୍ରାର ମୁଖ୍ୟ ଦେବତା ଗୌରବ ବେବ, ଦେବୀ ମାଳଜମ୍ବା, ବସ୍ତ୍ରରେନ୍ଦ ଓ ବୁଢ଼ାରଜା ବେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ମୁଖ୍ୟ ପୂଜକ ଚିତ୍ରସେନ ମାଝୀ, ଲମ୍ବେଶ୍ୱର, ସୁଦାମ ମାଝୀ, ସିରା ସୁରେଶ ମାଝୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି କ୍ରମରେ ପାଟ ଯାତ୍ରାର ଦ୍ୱିତୀୟ ଦିବସରେ କମିଟିର ସଭାପତି ସୁଧୀର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବହୁ ମିଳନ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ, ମହାରାଣୀ ଗୀତୁଜା କୁମାରୀ ଦେବୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପାଙ୍କସୋଷ୍ଠୀ, କୈଳାସ ମାଝି, ନୀଳକଣ୍ଠ ମାଝି, ପଦ୍ମଲୋଚନ ବଳପତି, ଗଣଶ୍ୟାମ ନାଏକ, କ୍ଷୀରୋଦ ପୂଜାରୀ, ନବରଙ୍ଗପୁର ଜିଲ୍ଲା ଭତରା ସମାଜ ସଭାପତି ଜଗନ୍ନାଥ ମାଝି, ଅଶୋକ ଦାଶ, ଟିକେ ଚନ୍ଦ୍ର ମାଝି, ଶଶି ମାଝୀ, ଧର୍ମବ୍ରତ ପଣ୍ଡା, ବସନ୍ତ ନାଗ, ଭୁବନେଶ୍ୱର ଦିଶାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କ୍ରମରେ ମହାରାଜ ଏହି ଅଂଚଳର ଆଦିବାସୀ ମାନେ ତାଙ୍କ ପରିବାର ସହିତ ଜଡିତ ଥିବା କଥା କହିବା ସହ ଶାସନ କାଳରେ ଯେଉଁସବୁ ସହଯୋଗ କରି ଆସିଥିଲେ ତାହା ବଖାଣିଥିଲେ । ସେହିପରି ଅନ୍ୟ ଅତିଥିମାନେ କହିଥିଲେ ଏହା ଗୋଟିଏ ପରିବାରର ଯାତ୍ର ନୁହେଁ, ଏହା ବହୁ ବାନ୍ଧବର ସମ୍ପର୍କକୁ ମଜବୁତ କରିବା ଓ ଏକାଠି ହେବାର ମାଧ୍ୟମ । ଏହି ଯାତ୍ରା ମଧ୍ୟରେ ଛାଇ ପରି ଭାଇ ଭାଇର ସମ୍ପର୍କ ଯୁଗେ ଯୁଗେ ରହିଥାଉ ବୋଲି ମତବ୍ୟକ୍ତ କରିଥିଲେ । ଏହି କ୍ରମରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓଙ୍କ ସହିତ ଆଖ ପାଖର ଗୌଣ୍ଡିଆ ମାନେ ପରିଚିତ ହୋଇଥିଲେ । କାର୍ଯ୍ୟକ୍ରମକୁ ତୋପାଳ ମାଝୀ ସମ୍ପାଦନ କରିଥିବାବେଳେ ମଧୁସୂଦନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପାଟଯାତ୍ରା କମିଟି ସମ୍ପାଦକ ଲୋକନାଥ ପାତ୍ର, ସରପଂଚ କ୍ଷିତୀରାମ ପାତ୍ର, ଭଦ୍ରେଶ୍ୱର ପାତ୍ର, କମିଟି ସଦସ୍ୟ ବୁଦ୍ଧସ୍ତ କୁମାର ପାତ୍ର, କୁମୁଦ ଚନ୍ଦ୍ର ପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଜୟକେଶ ପାତ୍ର, ସୁଦାମ ମାଝୀ, ଚିତ୍ରସେନ ମାଝୀ, ନୀଳକଣ୍ଠ ପାତ୍ର, ହୀରାଧର ପାତ୍ର ସମେତ ସମସ୍ତ ପାତ୍ର ଓ ମାଝୀ ପରିବାରର ସଦସ୍ୟ ସଦସ୍ୟା ଏବଂ ବହୁ ବାନ୍ଧବ ସହଯୋଗ କରିଥିଲେ ।

ମା' ପାଟଖଣ୍ଡା ମନ୍ଦିରର ଦାନ ହୁଣ୍ଡିର ୫୪, ୩୦୦ ବାହାରିଲା

ବାଲିଗୁଡା, ୦୩/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳର ଅଧିଷ୍ଠାତ୍ରୀ ଦେବୀ ଶ୍ରୀଶ୍ରୀଶ୍ରୀ ମା' ପାଟଖଣ୍ଡାଙ୍କ ମନ୍ଦିରର ଭିତରେ ଓ ବାହାରେ ଥିବା ହୁଣ୍ଡିକୁ ରବିବାର ସନ୍ଧ୍ୟାରେ ଜମିଟିର ସଭାପତି ସନ୍ଧ୍ୟାରୀ ପାତ୍ର, ସମ୍ପାଦକ ଜେ. ସୁଶାନ୍ତ କୁମାର ପାତ୍ର ଓ କୋଷାଧ୍ୟକ୍ଷ ମହେଶ୍ୱର ଡାଲୁଆଙ୍କ ସମେତ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଖୋଲା ଯାଇଥିଲା । ସେଥିରୁ ନଗଦ ୫୪ ହଜାର ୩୦୦ ଟଙ୍କା ମିଳିଥିବା ବେଳେ ୭୪୦ ମିଲି ଗ୍ରାମର ଏକ ଉଦଣ୍ଡା ମିଳିଥିବା ବିଷୟ ଜମିଟି ପକ୍ଷରୁ ସୂଚନା ମିଳିଛି । ଏ ସମସ୍ତ ଟଙ୍କା ଓ ଜିନିଷ ଗୁଡିକୁ ସମସ୍ତଙ୍କ ଉପସ୍ଥିତିରେ କୋଷାଧ୍ୟକ୍ଷ ଶ୍ରୀ ଡାଲୁଆଙ୍କୁ କମିଟିର ନିଜସ୍ୱ ଲକରରେ ସୁରକ୍ଷିତ ରାଖିବ ରଖିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ବାର୍ଷିକଦିନ ପରେ କମିଟିର ସମସ୍ତ ସଦସ୍ୟ, ଜନସାଧାରଣ ଓ ପୋଲିସ କର୍ମଚାରୀଙ୍କ ଗୋଚରରେ ଅବଗତ କରାଯାଇଥିବାରୁ ନୂତନ କମିଟି କର୍ତ୍ତୃପକ୍ଷଙ୍କୁ ଅଂଚଳବାସୀଙ୍କ ତରଫରୁ ସାଧୁବାଦ ଉଚ୍ଚାରାଇଛି । ଏ ସମ୍ପର୍କରେ ସମ୍ପାଦକ ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଆମ୍ଭେ ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ମନ୍ଦିର ସମ୍ପତ୍ତିରେ ପ୍ରତ୍ୟେକ ମାସର ଆୟ ବ୍ୟୟର ସବିଶେଷ ତଥ୍ୟ ସହ ଲିଖିତ ଆକାରରେ ଜନସାଧାରଣଙ୍କ ଅବଗତ ଜଣାଇବାକୁ ପ୍ରକାଶିତ କରାଯାଉଛି । ଆଗାମୀ ଦିନରେ ମନ୍ଦିର ପରିଚାଳନା କାର୍ଯ୍ୟକ୍ରମକୁ ମଧ୍ୟ ତ୍ରୁଟି ମୁକ୍ତ କରିବା ପାଇଁ ଚେଷ୍ଟା ଜାରୀ ରଖିବୁ ବୋଲି ପ୍ରକାଶ କରିଥିଲେ ।

ସତ୍ୟନାରାୟଣ ହାଇସ୍କୁଲରେ ବାର୍ଷିକ କ୍ରିଡ଼ା ଉତ୍ସବ

ତିତୋଲି, ୦୩/୦୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିତୋଲି ବ୍ଲକ ଅନ୍ତର୍ଗତ ଗରାମ ପଂଚାୟତରେ ଥିବା ଶ୍ରୀ ଶ୍ରୀ ସତ୍ୟନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ ଅଲଶାର ୪୪ ତମ ବାର୍ଷିକ କ୍ରିଡ଼ା ଉତ୍ସବ ଭବ୍ୟତାପୂର୍ଣ୍ଣ ଭାବେ ପାଳିତ ହୋଇଯାଇଅଛି । ତିନି ଦିନ ଧରି ଏହି ବାର୍ଷିକ କ୍ରିଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଜହ୍ନଟାମୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଗରାମ ପଂଚାୟତର ସମିତି ସଭ୍ୟ ଉମେଶ ଚନ୍ଦ୍ର ବାରିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦିପ୍ତ କୁମାର ଦାଶ, ଆଲୁମ୍ନି ସଭାପତି ରବିନ୍ଦ୍ର କୁମାର ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମ୍ୟକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଜଜ୍ବକ ଭବିଷ୍ୟତ କାମନା କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ୪

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୪ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ପାକିସ୍ତାନର ବୟକଟ ନିଷ୍ପତି ସତ୍ତ୍ୱେ ମ୍ୟାଚ୍ ପାଇଁ ଶ୍ରୀଲଙ୍କା ଯିବ ଟିମ ଇଣ୍ଡିଆ

ନୂଆଦିଲ୍ଲୀ, ୩।୨(ନ୍ୟୁ.ଏ): ଆସନ୍ତା ଟି-୨୦ ବିଶ୍ୱକପରେ ପାକିସ୍ତାନ ଫେବୃଆରୀ ୧୫ ଭାରତ ବିପକ୍ଷ ମ୍ୟାଚ୍‌କୁ ବୟକଟ କରିବାକୁ ନିଷ୍ପତି ନେଇଛି । ପାକିସ୍ତାନ ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ କରିବ, କିନ୍ତୁ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିବ ନାହିଁ ବୋଲି କହିଛି । ନଭେମ୍ବର ମାସରେ ଆଇସିସି ଜାରି କରିଥିବା ମ୍ୟାଚ୍ ସୂଚୀ ଅନୁସାରେ ଭାରତ ଓ ପାକିସ୍ତାନ ଫେବୃଆରୀ ୧୫ରେ ଶ୍ରୀଲଙ୍କାର କଲୋମ୍ବୋରେ ମ୍ୟାଚ୍ ଖେଳିବାକୁ ଧାର୍ଯ୍ୟ ହୋଇଥିଲା । ଏବେ ପାକିସ୍ତାନ ମ୍ୟାଚ୍ ଖେଳିବାକୁ ମନା କରିଥିଲେ ଦେଇ ପୂର୍ବ ଯୋଜନା ଅନୁସାରେ ଟିମ ଇଣ୍ଡିଆ ଶ୍ରୀଲଙ୍କା ଗସ୍ତ କରିବ । ଆଇସିସିର ସମସ୍ତ ପ୍ରୋଟକଲକୁ ପାଳନ କରିବ ଓ ମ୍ୟାଚ୍ ଗେମରୀ ମ୍ୟାଚ୍ ବାତିଲ ସମ୍ପର୍କରେ ଘୋଷଣା ନ କରିବା ଯାଏ ଭାରତୀୟ ଟିମ ଷ୍ଟାଡିୟମରେ ଉପସ୍ଥିତ ରହିବ । ରବିବାର ପାକିସ୍ତାନ ସରକାର ଏକରେ ପୋଷ୍ଟ କରି କହିଛନ୍ତି ଯେ "ଆମ ଦଳ ଟି-୨୦ ବିଶ୍ୱକପରେ ଭାଗ ନେବ । କିନ୍ତୁ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ଖେଳାଳି ପଡ଼ିଆକୁ ଓହ୍ଲାଇବେ ନାହିଁ ।" ପାକିସ୍ତାନ ଏପରି ଭାରତ ବିପକ୍ଷ ମ୍ୟାଚ୍‌ରୁ କାହିଁକି ପଛ ଘୁଞ୍ଚା ଦେବାକୁ ଚାହିଁଛି, ତାହାର କୌଣସି କାରଣ କହି ନାହାନ୍ତି । ଭାରତୀୟ ଟିମ ଏବେ ଚମତ୍କାର ଫର୍ମରେ ରହିଛି । ବିଶ୍ୱକପ ପୂର୍ବରୁ ବଳ ୪-୧ରେ ନ୍ୟୁଜିଲାଣ୍ଡକୁ ହରାଇଛି । ଆଇସିସି ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ମଧ୍ୟ ଭାରତର ରେକର୍ଡ ଦମସ୍ତ ଅଛି । ଦୁଇ ଦଳ ଟି-୨୦ ବିଶ୍ୱକପରେ ୮ଥର ମୁହାଁମୁହିଁ ହୋଇଛନ୍ତି । ଭାରତ ୭ ଥର ଜିତିଥିବା ବେଳେ ପାକିସ୍ତାନ କେବଳ ଗୋଟିଏ ଥର ବାଜିମାତ କରିବାକୁ ସକ୍ଷମ ହୋଇଛି ।

ଭାରତ ସହ ନଖେଳିଲେ ପାଣିରେ ପଡ଼ିବ ପାକିସ୍ତାନର ୫୦୦ ମିଲିୟନ ଡଲାର

ନୂଆଦିଲ୍ଲୀ, ୩।୨(ନ୍ୟୁ.ଏ): ଆଇସିସି ପୁରୁଷ ଟି-ଟ୍ୱେଂଟି ବିଶ୍ୱକପ ୨୦୨୬ରେ ଭାରତ ବିପକ୍ଷରେ ଦେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମୁକାବିଲାକୁ ପାକିସ୍ତାନ ବର୍ଜନ କରିବାକୁ ନିଷ୍ପତି ନେଇଛି । ଏହା ଦ୍ୱାରା ଭାରତୀୟ ପ୍ରସାରକମାନେ ବହୁତ କ୍ଷତି ସହିଯାଇଛି । ବିଶ୍ୱ କ୍ରିକେଟ ପାଇଁ ଏହା ସମସ୍ୟା ସୃଷ୍ଟି କରିପାରେ । ଗୋଟିଏ ଦିନ ପୂର୍ବରୁ, ପାକିସ୍ତାନ ସିନିୟର ପୁରୁଷ କ୍ରିକେଟ ଦଳ ଟି-ଟ୍ୱେଂଟି ବିଶ୍ୱକପରେ ଅଂଶଗ୍ରହଣ କରିବା ଅନୁମତି ଦେଇଛି । କିନ୍ତୁ ୧୫ ଫେବୃଆରୀରେ ଭାରତ ବିପକ୍ଷରେ ପଡ଼ିଆକୁ ନଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି ଭାରତ ସହ ପାକିସ୍ତାନ ମ୍ୟାଚ ନଖେଳେ ତେବେ ପାକିସ୍ତାନ ୫୦୦ମିଲିୟନ କ୍ଷତି ସହିବ । ଖାଲି ସେତିକି ନୁହେଁ ମ୍ୟାଚ ପ୍ରସାରଣକାରୀମାନେ ପ୍ରଥମ ଥର ପାଇଁ ସିଧାସଳଖ ପ୍ରଭାବିତ ହେବେ । ରିପୋର୍ଟ ଅନୁଯାୟୀ , ଭାରତ-ପାକିସ୍ତାନ ଟି-୨୦ ମ୍ୟାଚ୍‌ର ମୋଟ ମୂଲ୍ୟ ପ୍ରାୟ ୫୦୦ ମିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି । ଯେଉଁଥିରେ ପ୍ରସାରଣ ଅଧିକାର, ବିଜ୍ଞାପନ ପ୍ରିମିୟମ, ପ୍ରାୟୋଜକତା , ଟିକେଟ୍ ଏବଂ ସମ୍ପର୍କିତ ବ୍ୟବସାୟ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ । ଭାରତ-ପାକିସ୍ତାନ ଟି-୨୦ ମ୍ୟାଚ୍ ସମୟରେ ବିଜ୍ଞାପନ ସ୍ଲଟର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ୧୦ ସେକେଣ୍ଡ ପ୍ଲାନ ପାଇଁ ୫୦ ଲକ୍ଷ ଟଙ୍କା ରଖାଯାଇଛି, ଯାହା ଅନ୍ୟ ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଭାରତକୁ ନେଇ ନକଆଉଟ୍ ମ୍ୟାଚ୍ ତୁଳନାରେ ଅଧିକ । ପ୍ରତି ୧୦ ସେକେଣ୍ଡରେ ହେବ ୫୦ ଲକ୍ଷ କ୍ଷତି- ସାଧାରଣତଃ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଇସିସି ଇଭେଂଟଗୁଡ଼ିକର ବିଜ୍ଞାପନ ହାର ପ୍ରତି ୧୦ ସେକେଣ୍ଡରେ ୨.୫ ମିଲିୟନରୁ ୪ ମିଲିୟନ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । କିନ୍ତୁ ବିଶ୍ୱକପ୍ ଭଳି ଇଭେଂଟ ପାଇଁ, ମୂଲ୍ୟ ପ୍ରତି ୧୦ ସେକେଣ୍ଡରେ ୫ ମିଲିୟନରୁ ୬ ମିଲିୟନ ଟଙ୍କା ପର୍ଯ୍ୟନ୍ତ ଯାଇପାରେ । ୨୦୨୪ ଟି-୨୦ ବିଶ୍ୱକପରେ, ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ୧୦ ସେକେଣ୍ଡର ବିଜ୍ଞାପନ ପାଇଁ ୪ ମିଲିୟନ ଟଙ୍କା ଆଦାୟ କରାଯାଇଥିଲା । ଫଳସ୍ୱରୂପ, ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଏହି ମୂଲ୍ୟ ଆହୁରି ଅଧିକ ବଢ଼ିପାରେ ।

ପ୍ରୀତିଶାଙ୍କୁ ମହିଳା ଆଇଏମ୍ ଟାଇଟଲ୍

ଭୁବନେଶ୍ୱର, ୩।୨ (ଆ.ପ୍ର) : ଓଡ଼ିଶାର ଯୁବ ଚେସ୍ ପ୍ରତିଭା ପ୍ରୀତିଶା ଗୁପ୍ତା ମାତ୍ର ୧୪ ବର୍ଷ ବୟସରେ ସମସ୍ତ ଆବଶ୍ୟକ ନର୍ମ ପୂରଣ କରି ପ୍ରତିଷ୍ଠିତ ମହିଳା ଇଂଟରନ୍ୟାସନାଲ୍ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ୍ ହାସଲ କରିଛନ୍ତି । ଏହି ଐତିହାସିକ ସଫଳତା ପାଇବାରେ ସେ ଓଡ଼ିଶାର ତୃତୀୟ ମହିଳା ଆଇଏମ୍ ହୋଇଛନ୍ତି । ପ୍ରୀତିଶା ତାଙ୍କର ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ କୁଲାଲ ୨୦୨୫ରେ ତୃପ୍ତି ଚୋଲ୍ ପାସିନୋ ଗ୍ରାଣ୍ଡ ଓପନ୍ ପ୍ରତିଯୋଗିତାରେ ହାସଲ କରିଥିଲେ । ଦ୍ୱିତୀୟ ନର୍ମ ସର୍ବିୟାର ସେଂଟାରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିଳ୍ ୨୨ ଫାଂଟାଣ୍ଟିକୋ ପ୍ରତିଯୋଗିତାରେ ପାଇଥିବା ବେଳେ ତୃତୀୟ ତଥା ଶେଷ ନର୍ମ ସେହିଠାରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିଳ୍ ୧୩ ଫାଂଟାଣ୍ଟିକୋ ପ୍ରତିଯୋଗିତାରେ ହାସଲ କରିଥିଲେ । ପ୍ରୀତିଶା ନିଜ ବୟସ ଶ୍ରେଣୀରେ ବିଶ୍ୱସ୍ତରରେ ସର୍ବଦା ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛନ୍ତି । ଜାନୁଆରି ମାସର ରେଟିଂ ଅନୁଯାୟୀ ସେ ନିଜ ବୟସ ବର୍ଗରେ ବିଶ୍ୱ ମାନ୍ୟତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏଥିସହ ନଭେମ୍ବର ୨୦୨୫ରେ ମାଲେସିଆର କୁଆଲାଲୁମ୍ପୁରରେ ଆୟୋଜିତ କମନ୍‌ୱେଲଥ ଚେସ୍ ପ୍ରତିଯୋଗିତାର ୧୬ ବର୍ଷରୁ କମ୍ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହି ସଫଳତା ପାଇଁ ପ୍ରୀତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଓ) ସମ୍ପାଦକ ଦେବବ୍ରତ ଭଟ୍ଟ ଅଭିନନ୍ଦନ ଜଣାଇଛନ୍ତି ।

ମଣିପୁରର ମୁଖ୍ୟମନ୍ତ୍ରୀ ହେବେ ୟୁମନାମ ଖେମଚାନ୍ଦ ସିଂହ

ନୂଆଦିଲ୍ଲୀ, ୩।୨(ନ୍ୟୁ.ଏ): ଗୋଟିଏ ବର୍ଷ ହେଲା ରାଷ୍ଟ୍ରପତି ଶାସନ ଭିତରେ ଥିବା ମଣିପୁରକୁ ମିଳିବେ ନୂଆ ମୁଖ୍ୟମନ୍ତ୍ରୀ । ବିଜେପି ନେତା ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ପରିବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଗୋଟିଏ ବର୍ଷ ହେଲା ଖାଲି ପଡ଼ିଥିବା ପଦରେ ସେ ଦାୟିତ୍ୱ ଗ୍ରହଣ କରିବେ । ଏଥିସହ ବର୍ଷକ ପରେ ମଣିପୁରରେ ନିର୍ବାଚିତ ସରକାର କାମ ଆରମ୍ଭ କରିବ । ଏହି ଘୋଷଣା ପୂର୍ବରୁ ବିଜେପି ନେତୃତ୍ୱାଧୀନ ମଣିପୁରର ବର୍ତ୍ତମାନ ବିଧାୟକ ଓ ଏନଡିଏ ନେତାମାନଙ୍କ ସହ ଦିଲ୍ଲୀରେ ବୈଠକ କରିଥିଲେ । ଏହି ବୈଠକରେ ମଣିପୁରର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତରୁଣ ସି ଓ ଭାରତ ପୂର୍ବ ଲମ୍ବାଚାର୍ଜ ସମ୍ବିତ ପାତ୍ର ମଧ୍ୟ ଉପସ୍ଥିତ ରହିଥିଲେ । ବୈଠକ ପରେ ଖେମଚାନ୍ଦ ମଣିପୁରର ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି । ମଣିପୁରର ୧୨ତମ ମୁଖ୍ୟମନ୍ତ୍ରୀ ଭାବେ ଏନ ବୀରେନ ସିଂହ କାର୍ଯ୍ୟ କରୁଥିଲେ । କିନ୍ତୁ ୨୦୨୩ମସିହାରୁ ମଣିପୁରରେ ଆରମ୍ଭ ହୋଇଥିବା ଭୟଙ୍କର ଆଦିବାସୀ ଓ ଅଣଆଦିବାସୀ ସଂଘର୍ଷ ଯୋଗୁ ସେ ବ୍ୟାକଫୁଟକୁ ଚାଲି ଯାଇଥିଲେ । ଶେଷରେ ବୀରେନ ସିଂହ ୨୦୨୫ ମସିହା ଫେବୃଆରୀ ୯ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ସେ ଇସ୍ତଫା ଦେବା ସହ ସରକାର ଭାଙ୍ଗି ଯାଇଥିଲା । ବୀରେନ ସିଂହଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବାର ଆଶଙ୍କା ଥିବାରୁ ସେ ଇସ୍ତଫା ଦେଇଥିଲେ । ସେହେତୁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା । ଏବେ ପ୍ରାୟ ବର୍ଷକ ପରେ ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ୟୁମନାମ ବିଜେପିର ଜଣେ ବରିଷ୍ଠ ନେତା । ସେ ୨୦୧୭ ଓ ୨୦୨୨ରେ ସିଜାଙ୍କାମୈ ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇ ବିଧାନସଭାକୁ ଯାଇଛନ୍ତି । ବୀରେନ ସିଂହ ପ୍ରଥମ ପାଳିରେ ଅର୍ଥାତ୍ ୨୦୧୭ ୟୁମନାମ ମଣିପୁରର ବିଧାନସଭାର ବାଚସ୍ପତି ଭାବେ କାମ କରୁଥିଲେ । ୫ ବର୍ଷ ସେ ବାଚସ୍ପତି ପଦରେ ରହିଥିଲେ । ୨୦୨୨ରେ ପୁଣି ଜିତିବା ପରେ ବୀରେନ ସିଂହଙ୍କ ସରକାରରେ ମନ୍ତ୍ରୀ ହୋଇଥିଲେ । ସ୍ୱାମୀନ ବିକାଶ ଓ ପଂଚାୟତିରାଜ, ପୌରପାଳିକା ପ୍ରଶାସନ, ଗୃହ ନିୟନ୍ତ୍ରଣ ଓ ଶିକ୍ଷା ବିଭାଗ ଦାୟିତ୍ୱରେ ଖେମଚାନ୍ଦ ରହିଥିଲେ । ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଯାଏ ସେ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ଏବେ ସେ ରାଜ୍ୟର ୧୩ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ବିଜେପି ବିଧାୟକଙ୍କ ସଂଖ୍ୟା ୩୭ । ବାସ୍ତବରେ ୨୦୨୨ ମଣିପୁର ବିଧାନସଭା ନିର୍ବାଚନରେ ବିଜେପି ୩୨ଟି ଆସନ ଜିତିଥିଲା । କିନ୍ତୁ ରେଜଲ୍ଟ ପ୍ରକାଶ ପାଇବା ପରେ ବିଜୟୀ ହୋଇଥିବା କେତିପୁର ୬ ଜଣ ବିଧାୟକ ବିଜେପିରେ ମିଶି ଯାଇଥିଲେ । ତେଣୁ ଏବେ ବଳର ବିଧାୟକଙ୍କ ସଂଖ୍ୟା ୩୭ ରହିଛି । ଏହାବାଦ ବିଧାନସଭାରେ ନ୍ୟାଶନାଲ ପିପୁଲ୍ସ ପାର୍ଟିର ୬ ଜଣ, ନାଗା ପିପୁଲ୍ସ ଫ୍ରଂଟର ୫ ଜଣ, କଂଗ୍ରେସ ୫ ଜଣ, କୁକି ପିପୁଲ୍ସ ଫ୍ରଂଟର ୨ ଜଣ, ଜେଡିୟୁର ଜଣେ ଓ ୩ ଜଣ ସ୍ୱାଧୀନ ବିଧାୟକ ରହିଛନ୍ତି । ସେହିପରି ଗୋଟିଏ ବିଧାନସଭା ଆସନ ଖାଲି ପଡ଼ିଛି ।

ଭାରତରେ ହେବ ଏସୀୟ ସୁଟିଂ ଚାମ୍ପିୟନସିପ୍-୨୦୨୭

ନୂଆଦିଲ୍ଲୀ, ୩।୨(ନ୍ୟୁ.ଏ): ଏସୀୟ ସୁଟିଂ ଚାମ୍ପିୟନସିପ୍ ଆସନ୍ତା ବର୍ଷ ଦିଲ୍ଲୀରେ ଅନୁଷ୍ଠିତ ହେବ ବୋଲି ଭାରତୀୟ ଜାତୀୟ ରାଇଫଲ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି । ତେବେ ଏହାର ତାରିଖ ଧାର୍ଯ୍ୟ କରାଯାଇନାହିଁ । ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ ନିମନ୍ତେ ଯୋଗ୍ୟତା ହାସଲ କରିବାକୁ ଏଥିରେ ୮ଟି କୋଟା ରହିବ । ଏ ନେଇ ଏସୀୟ ସୁଟିଂ ମହାସଂଘ ପକ୍ଷରୁ ଭାରତୀୟ ଜାତୀୟ ରାଇଫଲ୍ ସଂଘର ସଭାପତି କର୍ଣ୍ଣିଲେ ନାରାୟଣ ସିଂ ଦେଓଙ୍କୁ ଏକ ପତ୍ର ଲେଖି ନିଶ୍ଚିତ କରିଛନ୍ତି । ଏହା ମଧ୍ୟ ୨୦୨୮ ଅଲିମ୍ପିକ ପାଇଁ ଭାରତରେ ଆୟୋଜିତ ଦ୍ୱିତୀୟ ସୁଟିଂ କ୍ୱାଲିଫାଇଙ୍ଗ୍ ପ୍ରତିଯୋଗିତା ହେବ । ଆସନ୍ତା ବର୍ଷ ମଧ୍ୟ ଭାରତରେ ରାଇଫଲ୍, ପିସ୍ତଲ୍ ଓ ସଟଗନ୍ ସୁଟରମାନଙ୍କ ପାଇଁ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଶୃଙ୍ଖଳା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ମଧ୍ୟ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ୧୨ଟି କୋଟା ରହିବ । ଏହି ପ୍ରତିଯୋଗିତା ୨୦୧୭ ଏପ୍ରିଲ ୨୧ରୁ ୩୦ ପର୍ଯ୍ୟନ୍ତ ଡ. କର୍ଣ୍ଣି ସିଂ ସୁଟିଂ ରେଞ୍ଜରେ ଅନୁଷ୍ଠିତ ହେବ । ଏ ସମ୍ପର୍କରେ କର୍ଣ୍ଣିଲେଶ କହିଛନ୍ତି ଯେ ଏହି ପ୍ରତିଯୋଗିତା ଭାରତୀୟ ସୁଟରମାନଙ୍କ ପାଇଁ ବେଶ ଉପଯୋଗୀ ହୋଇପାରିବ, କାରଣ ସେମାନେ ଘରୋଇ ମାଟିରେ ଏହି ଦୁଇଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅଲିମ୍ପିକ ଲାଗି କୋଟା ସ୍ଥାନ ଜିତିପାରିବେ । ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ ନିମନ୍ତେ ଚୟନକାରୀ ଇଭେଂଟ ପାଇଁ ଯୋଗ୍ୟତା ପ୍ରକ୍ରିୟା ଘୋଷଣା କରିଛି ବିଶ୍ୱ ଚାଉଦାଳ ମହାସଂଘ । ଦୀର୍ଘଦୂରୀ ଇଭେଂଟ୍ସ ଅଧିନରେ ୬ଟି ବର୍ଗ ରହିବ ଓ ମୋଟ ୧୨୮ଟି କୋଟା ସ୍ଥାନ ରହିବ । ସେଗୁଡ଼ିକ ମଧ୍ୟରୁ ୬୪ଟି ମହିଳା ଓ ୬୪ଟିପୁରୁଷଙ୍କ ପାଇଁରହିବ । ମହାସଂଘ ଅଧିନରେ ଅନ୍ତର୍ଜାତୀୟ ସ୍ତରରେ ଆୟୋଜନ କରାଯାଇଥିବା ବିଶ୍ୱଚାଉଦାଳି ଚମ୍ପିୟନସିପ୍ସ ଜଂଗିଲଂଗଲ୍‌ରେମୁଆଦି ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଚାଉଦାଳମାନେ ଯୋଗ୍ୟତା ଅର୍ଜନ କରିପାରିବେ ।

ଅଷ୍ଟ୍ରେଲିଆରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଚୋରି ଘଟଣାକୁ କଡ଼ା ନିନ୍ଦା କଲା ଭାରତ

ନୂଆଦିଲ୍ଲୀ, ୩।୨(ନ୍ୟୁ.ଏ): ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଏକ କାଂସ୍ୟ ପ୍ରତିମୂର୍ତ୍ତି ଚୋରି ହେବା ଘଟଣାକୁ ଭାରତ କଡ଼ା ନିନ୍ଦା କରିଛି । ବିଦେଶ ବ୍ୟାପାର ମନ୍ତ୍ରାଳୟ କହିଛି ଯେ, ଭାରତ ଉକ୍ତ ପ୍ରସଙ୍ଗକୁ ଅଷ୍ଟ୍ରେଲୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ଭାବେ ଉଠାଇଛି ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛି । ଅଷ୍ଟ୍ରେଲିଆ ପୁଲିସ ଉକ୍ତ ଘଟଣାରେ ତଦନ୍ତ ଆରମ୍ଭ କରିଛି । ବିଦେଶ ବ୍ୟାପାର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଅଷ୍ଟ୍ରେଲିଆର ୩ ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗାରୁଣା ଘଟଣାକୁ ଭାରତ କଡ଼ା ନିନ୍ଦା କରୁଛି ଏବଂ ଉକ୍ତ ଘଟଣାରେ ତଦନ୍ତ ଦାବି କରୁଛି । ଏହି ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତ ଦାବି କରିଛି । ଅଷ୍ଟ୍ରେଲିଆ ତୁଡେ ଅନୁଯାୟୀ, ଉକ୍ତ ପ୍ରତିମୂର୍ତ୍ତିଟିକୁ ଆଇସିସିଆର (ଇଣ୍ଡିଆନ କାଉନସିଲ ଫର୍ ଇଲ୍‌ଟରାଲ୍ ରିଲେସନ୍‌ସ୍) ଦ୍ୱାରା ଉପହାର ଭାବେ ଦିଆଯାଇଥିଲା ଏବଂ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଷ୍ଟାଟ୍ ମଲିସନ୍ ଏହାକୁ ୨୦୨୧ ନଭେମ୍ବର ୧୧ ତାରିଖରେ ଉନ୍ମୋଚନ କରିଥିଲେ । ରୋଲିସେସ୍ଥିତ ଅଷ୍ଟ୍ରେଲିଆନ୍ ଇଣ୍ଡିଆନ କମ୍ୟୁନିଟି ସେଂଟରରେ ଏହି ଗାନ୍ଧୀ ପ୍ରତିମୂର୍ତ୍ତି ଥିଲା ।

ଆମେରିକା କୃଷକଙ୍କୁ ମାଲାମାଲ୍ କରିବ ଭାରତ ସହ ଟ୍ରେଡ୍ ଡିଲ୍

ନୂଆଦିଲ୍ଲୀ, ୩।୨(ନ୍ୟୁ.ଏ): ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଘୋଷଣା ପରେ, ଭାରତର ଆମଦାନୀ ଉପରେ ଶୂନ୍ୟ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଅନେକ ଆମେରିକୀୟ ନେତା ଭାରତକୁ ପ୍ରଶଂସା କରି ବିବୃତି ଜାରି କରିଛନ୍ତି । ଏହି ଚରିତ୍ରେଷ୍ଟାରେ, ଆମେରିକୀୟ କୃଷି ସଚିବ ଚୁକ୍ ଗୋଲିନ୍ସ ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଏହି ବାଣିଜ୍ୟ ଚୁକ୍ତି ଭାରତୀୟ କୃଷକମାନଙ୍କ ଆମେରିକୀୟ କୃଷି ଉତ୍ପାଦର ରପ୍ତାନିକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଆମେରିକୀୟ କୃଷି ସଚିବ ଚୁକ୍ ଗୋଲିନ୍ସ କହିଛନ୍ତି ଯେ ବୃଦ୍ଧି ପାଉଥିବା ମୂଲ୍ୟ ଷ୍ଟାମୀଣ ଆମେରିକାରେ ନବାବ ଥ୍ରେଟ୍ ବୃଦ୍ଧି କରିବ । ସେ ଇନଷ୍ଟାଗ୍ରାମରେ ଲେଖିଛନ୍ତି , ନୂତନ ଆମେରିକା-ଭାରତ ବୁକ୍ତି ଭାରତର ବିଶାଳ ବଜାରକୁ ଆମେରିକୀୟ କୃଷି ଉତ୍ପାଦର ରପ୍ତାନି ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ୨୦୨୪ ମସିହାରେ ଭାରତ ସହିତ ଆମେରିକାର କୃଷି ବାଣିଜ୍ୟ ନିଅଂଟ ୧.୩ ବିଲିୟନ ଡଲାର ଥିଲା । ଭାରତର ବର୍ଦ୍ଧିତ ଜନସଂଖ୍ୟା ଆମେରିକୀୟ କୃଷି ଉତ୍ପାଦ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର । ଆଜିର ବୃଦ୍ଧି ଏହି ନିଅଂଟକୁ ହ୍ରାସ କରିବାରେ ଯଥେଷ୍ଟ ସାହାଯ୍ୟ କରିବ । ସେ ହ୍ୱାଇଟ୍ ହାଉସ୍‌ର ଘୋଷଣା ସେୟାର କିଙ୍ଗ ଘୋଷଣା କରିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଥିଲେ । ଏହି ସମୟରେ ମୋଦି ରୁଷରୁ ତୈଳ କିଣିବା ବନ୍ଦ କରିବାକୁ ଏବଂ ଆମେରିକାର ତୈଳ ଜୁୟ ବୃଦ୍ଧି କରିବାକୁ ରାଜି ହୋଇଥିଲେ, ଏପରିକି ଭେନେଜୁଏଲାରୁ ମଧ୍ୟ । ଟ୍ରମ୍ପ କହିଛନ୍ତି ଯେ ଏହା ୟୁକ୍ରେନରେ ଯୁଦ୍ଧ ସମାପ୍ତ କରିବାରେ ସାହାଯ୍ୟ କରିବ । କୃଷି ଉତ୍ପାଦ ଉପରେ ଉଚ୍ଚସ୍ତରୀୟ ସୂତ୍ର ଅନୁସାରେ, ଭାରତ-ଆମେରିକା ବାଣିଜ୍ୟ ବୁକ୍ତିନାମାରେ ଭାରତୀୟ କୃଷି ଉତ୍ପାଦ ଉପରେ କୌଣସି ସାଲିସ କରାଯିବ ନାହିଁ । ସରକାର କୃଷି ଉତ୍ପାଦ ଉପରେ ନିଜର ମତ ଦୃଢ଼ ରଖିଛନ୍ତି । କୃଷି ଏବଂ କ୍ଷୀର ଉପରେ କୌଣସି ସାଲିସ କରାଯିବ ନାହିଁ । କୃଷି ଏବଂ କ୍ଷୀରରେ ଭାରତର ସ୍ୱାର୍ଥ ଥିଲା, ଏବେ ଅଛି ଏବଂ ରହିବ । ମୋଦି ସରକାର ଭାରତୀୟ ଚାଷୀଙ୍କ ସ୍ୱାର୍ଥ ସହିତ ସାଲିସ କରିବ କାହିଁ । ଭଲ୍ଲେଖନୀୟ ଯେ, ଏହି ବାଣିଜ୍ୟ ବୁକ୍ତିନାମା ଅନୁଯାୟୀ, ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତରୁ ୧୮% କୁ ଟାରିଫ୍ ହ୍ରାସ କରାଯିବ । ଟ୍ରମ୍ପ କହିଛନ୍ତି, ଏହି ବୁକ୍ତିନାମା ତୁରନ୍ତ କାର୍ଯ୍ୟକାରୀ ହେବ ।